## ଲୋଭ ଦେଖାଇ ଲାଭ ଖାଇଯିବେନି ତ?

# ଶସ୍ତାରେ ମିଳୁଛି ନାମିଦାମୀ କମ୍ପାନୀ ସାମଗ୍ରୀ

ପୋଲସରା, ୩୦।୭ (ସମିସ)

୪୭ ହଜାରର ଏସି ମାତ୍ର ୨୬ହଜାରରେ, ୫୦ ହଜାରର ଖଟ ୨୦ରୁ ୨୫ ହଜାରରେ ଓ ବିଭିନ୍ନ ନାମୀଦାମୀ କମ୍ପାନୀର ବିଭିନ୍ନ ସାମଗ୍ରୀ ୪୦ରୁ ୫୦ ପ୍ରତିଶତ ରିହାତିରେ ମିଳୁଛି। ପୋଲସରା ପାଟଣାପଦର ଛକରେ ଏକ ଭଡ଼ା ଘରେ ତାମିଲନାଡୁ ପୁଦିକଟା ଜିଲ୍ଲାରୁ ଆସି କିଛି ବ୍ୟବସାୟୀ ପ୍ରାୟ ଏକ ମାସ ହେବ ଏକ ବ୍ୟବସାୟ ଚଳାଇଛନ୍ତି। ପୋଲସରା ଓ ଏହାର ଆଖପାଖ ଅଞ୍ଚଳ ଏପରିକି ବୁଗୁଡ଼ା, ବୁଡ଼ାମ୍ବ, କୋଦଳା ଓ କବିସୂର୍ଯ୍ୟନଗରରୁ ମଧ୍ୟ ଲୋକମାନେ ଆସୁଥିବା ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଭିଡ ଏଠି ସକାଳୁ ରାତିଯାଏ ଲାଗିଥାଏ। ମନରେ ଉତ୍କଣ୍ଠା ସହ ବୋହି ନେଉଛନ୍ତି ଟ୍ରକ ଟ୍ରକ ଜିନିଷ। କାଳେ ଆଗକୁ ଏଭଳି ଅଫର ଆଉ ମିଳିବନି ସେଥିପାଇଁ ଲୋକଙ୍କ ମଧ୍ୟରେ



ଏକପ୍ରକାର ପ୍ରତିଯୋଗିତା ଲାଗିଛି। କିନ୍ତୁ ଆକର୍ଷଣ ଲୋଭରେ ଯେମିତି ବଡ଼ କ୍ଷତିରେ ନପଡ଼ନ୍ତୁ ତାହା ପ୍ରତି ଲୋକମାନେ ସଚେତନ ରହିବା ସହ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

କାରଣ ଏଭଳି ମନଲୋଭା ଆକର୍ଷଣ ମନକୁ ଟିକିଏ ସନ୍ଦେହ ଆସୁଥିବା ମଧ୍ୟ କିଛି ଲୋକ କହୁଛନ୍ତି। କାହିଁକି ନା' ଏଠି କିଛି କିଣିବାକୁ ହେଲେ ଗ୍ରାହକକୁ ପ୍ରଥମେ ଆଗ୍ରୀମ ପୁରା ଟଙ୍କା ଦେବାକୁ ପଡୁଛି। ତାହା ପୁଣି ୧୦ରୁ ୧୫ ଦିନ ଅପେକ୍ଷା କରିବାକୁ ପଡୁଛି ସାମଗ୍ରୀ ପାଇବା ପାଇଁ। କିଛି ଲୋକ ଏଭଳି ସର୍ତ୍ତାବଳୀକୁ ନାପସନ୍ଦ କରୁଥିବା ବେଳେ ଅଧିକାଂଶ କିନ୍ତୁ କାଳବିଳମ୍ବ ନ କରି ଶସ୍ତାରେ ମିଳୁଥିବାରୁ ଲକ୍ଷ ଲକ୍ଷ ଟଙ୍କା ଆଗ୍ରୀମ ଦୋକାନୀ ମାଲିକଙ୍କ ହାତରେ ଧରେଇ ଦେଇ ରସିଦ ଭରସାରେ ରହୁଛନ୍ତି।

ଦୈନିକ ୫ରୁ ୧୦ ଲକ୍ଷ ଟଙ୍କାର କାରବାର ଏପରିକି ଦିନେ ଦିନେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହେଉଛି। ବଡ଼ ବଡ଼ ବେପାରୀମାନେ ମଧ୍ୟ ଏହି ଲୋଭର ବଶବର୍ତ୍ତୀ ହୋଇ ଗ୍ରାହକ ଯୋଗାଡ଼ରେ

### ଆଜି ଟଙ୍କା ଦିଅ, ୧୫ ଦିନ ପରେ ଜିନିଷ ନିଅ

ଲାଗିଛନ୍ତି ଏବଂ କିଛି ହାତ ଗୁଞ୍ଜା କମିଶନ ପାଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ହେଲେ ତାମିଲନାଡୁରୁ ଆସି ଓଡ଼ିଶାରେ ବ୍ୟବସାୟ କରିବା ତାହା ପୁଣି ବ୍ରାଣ୍ଡେଡ ଜିନିଷ ଉପରେ ଅଧା ଦାମରେ ବିକ୍ରି କରିବା ଟିକିଏ ସନ୍ଦେହ ଲାଗୁଛି।

ସଂସ୍ଥାର ମାଲିକଙ୍କ କହିବା ଅନୁଯାଇ ଆମ ସଂସ୍ଥା ସିଧା ସଳଖ କମ୍ପାନୀରୁ କିଣୁଛି ଏବଂ ଯାହାର ଫାଇଦା ଆମେ ଲୋକଙ୍କ ପାଖରେ ପହଞ୍ଚାଉଛୁ। ସୂଚନାଯୋଗ୍ୟ କିଛି ବର୍ଷ ପୂର୍ବେ ପୁରୁଷୋତ୍ତମପୁର ସହରରେ ସାମନ ଢଙ୍ଗରେ ବାହାର ରାଜ୍ୟରୁ ଆସି ବ୍ୟବସାୟ କରି ଏହିଭଳି ଆକର୍ଷଣୀୟ ଅଫର ଦେଇ ଲୋକଙ୍କଠୁ କୋଟି କୋଟି ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେତେବେଳେ ଏହି ଘଟଣା ପୁରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲେ। ତେଣୁ ସେଭଳି ଘଟଣା ପୁନର୍ବାର ପୋଲସରାରେ ନଘଟୁ। ଏନେଇ ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ସଂସ୍ଥା ତରଫରୁ ଟ୍ରେଡ଼ ଲାଇସେନ୍ସ ପାଇଁ ଆବେଦନ କରାଯାଇଥିଲା ଏବଂ ଏନ୍ଏସି ତରଫରୁ ଟ୍ରେଡ଼ ଲାଇସେନ୍ସ ଦିଆଯାଇଥିବା କହିଛନ୍ତି। କିନ୍ତୁ ପୁଲିସ ପ୍ରଶାସନ ଏଥିପ୍ରତି କେତେଦୂର ସଚେତନ ଅଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଅଧ୍ୟାପକଙ୍କ ଗାଡ଼ି ଭାଙ୍ଗିବା ସହ ଅସଦାଚରଣ

ସାନଖେମୁଣ୍ଡି, ୩୦।୭(ସମିସ): କଲେଜରୁ ଘରକୁ ଫେରୁଥିବା ବେଳେ ଅଧ୍ୟାପକଙ୍କ ଗାଡି ଭାଙ୍ଗିଲେ ଯୁବକ। ଏଥି ସହିତ ଅଧ୍ୟାପକଙ୍କୁ ମଧ୍ୟ ଟଣା ଓଟରା ଗାଳି ଗୁଲଜ କରିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି



ପାଟପୁର ଥାନା ଡେଙ୍ଗାଉସ୍ତା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାସ୍ତାରେ। ସୂଚନା ମୁତାବକ ବୁଧବାର ସାନଖେମୁଣ୍ଡି ବ୍ଲକ ପୋଡାମାରି କଲେଜର ଗଣିତ ବିଭାଗ ଅଧ୍ୟାପକ ରାମ ସ୍ୱରୂପ ପାଣିଗ୍ରାହୀ ନିଜ ଘରକୁ କାର ଯୋଗେ ଫେରୁଥିଲେ। ସେହି ସମୟରେ ଡ଼େଙ୍ଗାଉସ୍ତା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ କିଛି ଯୁବକ ଗାଡ଼ି ଅଟକାଇ ଭଙ୍ଗାରୁଜା କରିବା ସହ ଅଧ୍ୟାପକଙ୍କୁ ମାଡ଼ ମାରିଥିଲେ। ପୋଡାମାରି ଫାଣ୍ଡି ପୁଲିସ ପହଞ୍ଚି ଉଭୟ ଅଧ୍ୟାପକ ଏବଂ ଆକ୍ରମଣ କରିଥିବା ଯୁବକଙ୍କୁ ଉଠାଇ ନେଇଛି। ଅଧ୍ୟାପକ ଜଣଙ୍କ ପୋଡ଼ାମାରି କଲେଜରେ ଗଣିତ ବିଭାଗରେ ପାଠ ପଢ଼ାଉ ଥିବା ବେଳେ ଟ୍ୟୁସନ ମଧ୍ୟ କରୁଥିଲେ। ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବାରୁ ତାଙ୍କ ଭାଇ ଏଭଳି କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ପୁଲିସ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ।

## ଏଆଇକେଏମ୍ଏସ୍ ପକ୍ଷରୁ ଗଣବିକ୍ଷୋଭ




ଧରାକୋଟ, ୩୦।୭(ସମିସ): ଅଖିଳ ଭାରତ କିଷାନ ମଜଦୂର ସଭା ପକ୍ଷରୁ ଧରାକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୪ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭପ୍ରଦର୍ଶନସ୍ଥଳରେଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଏବିଡ଼ିଓ ସୁଶୀଲ ପଟ୍ଟନାୟକ ଉପସ୍ଥିତ ରହି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ଗ୍ରହଣ ପରେ ପ୍ରଶାସନ ଏଦିଗରେ ଲୋକଙ୍କ ସହ ଆଲୋଚନା କରି ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଆଦିବାସୀ ନେତା ଯକ୍ଷ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗଣବିକ୍ଷୋଭରେ ଏଆଇକେଏମ୍ଏସ୍ର ଜାତୀୟ ସମ୍ପାଦକ ଭାଲ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଧରାକୋଟ ବ୍ଲକ ସଭାପତି ନରସିଂହ ଗମାଙ୍ଗ, ଦଳିତ ନେତା ସଂଗ୍ରାମ ନାୟକ ପ୍ରମୁଖ ଯୋଗଦେଇ ଆଦିବାସୀ ଓ ଦଳିତମାନଙ୍କୁ ସେମାନଙ୍କ ହକ୍ ଦେବାରେ ରାଜ୍ୟ ସରକାରଙ୍କ ଟାଳୁଟୁଳୁ ନୀତିର ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଭୂମିହୀନ ପରିବାରକୁ ଜମି ଅଧିକାର, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଅଧିକାର ଓ ବାସହୀନକୁ ବାସଗୃହ ଯୋଗାଇଦେବା ଭଳି ୧୪ଦଫା ଦାବି ସମ୍ବଳିତ ଦାବିପତ୍ର ଉଭୟ ତହସିଲଦାର ଓ ବିଡିଓଙ୍କୁ ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶହ ଶହ ଗରିବ ଆଦିବାସୀ ଓ ଦଳିତ ଲୋକ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି

## ବିସ୍ଫୋରକ କାରଖାନାକୁ ବିରୋଧ କଲେ ଅଞ୍ଚଳବାସୀ

ଜଗନ୍ନାଥପ୍ରସାଦ, ୩୦।୭(ସମିସ): ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତରେ ପ୍ରସ୍ତାବିତ ବିସ୍ଫୋରକ କାରଖାନା ପାଇଁ ଏକ ଜନଶୁଣାଣି ବୁଧବାର କୁଡୁତାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ବିସ୍ଫୋରକ କାରଖାନା ଏହି ପଞ୍ଚାୟତର ଘାଟିପଲ୍ଲୀ ଓ ଲଣ୍ଡେଇହିଲ ମୌଜାରେ କରାଗଲେ ପରିବେଶ ପ୍ରଦୂଷଣ, ଜଳାଭାବ ଓ ଜୀବନ ଜୀବିକା ପ୍ରତି ବିପଦ ଆଶଙ୍କା କରି ଅଞ୍ଚଳର ଲୋକମାନେ ବିରୋଧ କରିଥିଲେ। ମେସର୍ସ ସିଡିଇଟି ଏକ୍ସପ୍ଲୋସିଭ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଏହି ସ୍ଥାନରେ ଗୋଳା ବାରୁଦ କାରଖାନା କରିବାକୁ ଜମି ଅଧିଗ୍ରହଣ କରିବାକୁ କମ୍ପାନୀ ପ୍ରଶାସନକୁ ଧରି ଚକ୍ରାନ୍ତ ଚଳାଇଥିବା ସାଧାରଣ ଲୋକେ ଅଭିଯୋଗ କରି କାରଖାନାକୁ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି।

ଅଞ୍ଚଳର ଖଦାଳ ସାହୁ କହିବା ପ୍ରକାରେ ଜମି ଅଧିଗ୍ରହଣ କରି ଏକ ବିସ୍ଫୋରକ ଦ୍ରବ୍ୟ ଉତ୍ପାଦନ କମ୍ପାନୀ ଅଞ୍ଚଳରେ ତିଆରି କରିବାକୁ ଯାଉଥିବାରୁ ଆମ୍ଭେ ତାକୁ ତୀବ୍ର ବିରୋଧ କରୁଛୁ। ଏଠାକାର ବାୟୁ, ଜଳ, ମୃତ୍ତିକା, ଜୈବ, ପରିବେଶ ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବ ଓ ଆଗାମୀ ପିଢ଼ି ଓ ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇବ। ଫଳରେ କୋଡିଏ ପଞ୍ଚାୟତ ଲୋକେ ପ୍ରଭାବିତ ହେବେ। ଏଥିରେ ଆଇନଜୀବୀ ସୋମନାଥ ନାୟକ, ଅଭିମନ୍ୟୁ ଗୌଡ଼, ଖଦାଳ ସାହୁ, ନାରାୟଣ ନାୟକ, ପ୍ରତାପୁର ପଞ୍ଚାୟତର ଅନେକ ବ୍ୟକ୍ତି ଯୋଗ ଦେଇ କାରଖାନା ନିର୍ମାଣ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ବିରୋଧ କରିଥିଲେ। ଏସ୍ଆଇ ଟିମ ୟୁନିଟକୁ ରିପ୍ରେଜେଣ୍ଟ କରୁଥିବା ପଦ୍ମ ଦାସ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ଆୟୋଜିତ ଜନଶୁଣାଣିରେ ଅଞ୍ଚଳ ୧୧୩ ଜଣ ନିଜ ନିଜର ମତ ରଖିଥିବା ବେଳେ ଅଧିକାଂଶ କମ୍ପାନୀ ବିପକ୍ଷରେ ମତ ଦେଇଥିବା କହିଛନ୍ତି। ଏଥିରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଓ ବିଭାଗୀୟ ପରିଚାଳକ ପଦ୍ମ ଦାସଙ୍କ ସମେତ ଜଗନ୍ନଥପ୍ରସାଦ ବ୍ଲକ ବିଡ଼ିଓ ମନ୍ମଥ ମଲ୍ଲିକ ଓ ତହସିଲଦାର ଅଶୋକ କୁମାର ମୁଦୁଲି ପ୍ରମୁଖ



ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଭଞ୍ଜନଗର ଏସ୍ଡିପିଓ ଡ଼ଃ ଦୀପକ ମିଶ୍ର, ପୁରୁଷୋତ୍ତମପୁର ଏସ୍ଡିପିଓ ସୁଜିତ ନାୟକ ଓ ତାରାସିଂ, ବେଲଗୁଣ୍ଠା, ଗାଙ୍ଗପୁର, ବୁଗୁଡା ଥାନାର ଆଇଆଇସି, ଜଗନ୍ନାଥ ପ୍ରସାଦ ଥାନା ସମେତ ତିନି ପ୍ଲାଟୁନ ପୁଲିସ ମୁତୟନ କରାଯାଇଥିଲା। ଏନସିଡି ଏସ୍ ଓ ଷ୍ଟାର ଭବନେଶ୍ୱରର ଏକ ଟିମ ପକ୍ଷରୁ ସାମାଜିକ ଆକଳନ ବିବରଣୀ ପ୍ରସ୍ତୁତ କରୁଥିବା ଜଣାପଡୁଛି। ଅନେକଙ୍କ ବିରୋଧ ସତ୍ତ୍ୱେ ଏଠାରେ କାରଖାନା ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ମଧ୍ୟ ଅନେକ ମତ ଦେଇ ଏହି ବିରୋଧ ଏକ ଭିତ୍ତିହୀନ ବୋଲି ପ୍ରକାଶ କରିଛନ୍ତି। ଜନଶୁଣାଣିରେ କୌଣସି ନିଷ୍କର୍ଷ ବହାରିନଥିବା ବେଳେ ଆଗାମୀ ଦିନରେ ପ୍ରଶାସନ କଣ ନିଷ୍ପତ୍ତି ନେଉଛି ତାହା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି।

## ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘର ବିକ୍ଷୋଭ




ବ୍ରହ୍ମପୁର, ୩୦।୭(ସମିସ): ୩ଦଫା ଦାବିରେ ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅସ୍ଥାୟୀ କର୍ମଚାରୀଙ୍କ ଇପିଏଫ୍ ସମ୍ପର୍କିତ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟ ବିଭାଗରେ ଅବସର ପରେ ପୁନଃ ଥଇଥାନ ନିଯୁକ୍ତି ପାଇଥିବା ବରିଷ୍ଠ କିରାଣିଙ୍କୁ ବହିଷ୍କାର ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଭଳି ଦୀର୍ଘବର୍ଷ ଧରି ନିଗମରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ରବିବାର ଦିନର ମଜୁରୀ ପ୍ରଦାନ ଭଳି ୩ଦଫା ଦାବିରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ବିଏମ୍ସି କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କମିଶନରଙ୍କୁ ଭେଟି ଆଲୋଚନା କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଦାବି ସମ୍ପର୍କରେ ସମୀକ୍ଷା କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବାକୁ କମିଶନର ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସଭାପତି ତଥା ପୂର୍ବତନ କାଉନସିଲର ଡି. ସୂର୍ଯ୍ୟ ପ୍ରକାଶ ରାଓ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ

ବ୍ରହ୍ମପୁର, ୩୦।୭(ସମିସ): ସ୍ଥାନୀୟ ରେଳ ଷ୍ଟେସନରେ ଶକ୍ତିସଦନ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଳ ଷ୍ଟେସନ ମାଷ୍ଟର ଦୁର୍ଗା ପ୍ରସାଦ ବ୍ରହ୍ମା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ରାଜଶ୍ରୀ ଦାସ, ରଶ୍ମି ରଞ୍ଜନ ବେହେରା, ଡ଼ି. ବିଷ୍ଣୁ, ସଦାନନ୍ଦ ଦାସ ଓ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇଏସଆରଡ଼ି ନିର୍ଦ୍ଦେଶକ ସୁଧୀର ସାବତ ସଞ୍ଚାଳନା କରିବା ସହ ମାନବ ଚାଲାଣ ନେଟୱାର୍କ ଗୁଡିକୁ ଚିହ୍ନଟ ଏବଂ ଭାଙ୍ଗିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ଆବଶ୍ୟକତା ବୋଲି କହିଥିଲେ। ୧୫ବର୍ଷ ଠାରୁ ୨୫ବର୍ଷର ମହିଳା ଏବଂ ଶିଶୁ ମାନଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ସମ୍ପର୍କରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରପିଏଫ ରବୀନ୍ଦ୍ର କୁମାର




ବେହେରା ମନୋଜ କୁମାର ବେହେରା, ଯୁବରାଜ ରୋହିଣୀ, ପ୍ରଭାତ କୁମାର ପାଢ଼ୀ, ସୌଦାମିନୀ ସାହୁ, ସାବିତ୍ରୀ ଦଳବେହେରାଙ୍କ ସମେତ ବିଭିନ୍ନ ସଂଗଠନର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମୋବାଇଲ ଚୋରି ମାମଲା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୩୦।୭(ସମିସ): ମୋବାଇଲ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୁଷୋତ୍ତମପୁର ମେଣ୍ଢାପଲ୍ଲୀ ଗ୍ରାମର ବ୍ରଜବନ୍ଧୁ ନାୟକ (୩୦)। ପୁଲିସ ଅଭିଯୁକ୍ତ ବ୍ରଜବନ୍ଧୁଙ୍କଠାରୁ ୪ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗଜପତି ନଗର ୫ଲାଇନ ନିବାସୀ ରାଜା ନାୟକ(୨୭) ଘରେ ମୋବାଇଲ ଚାର୍ଜ ବସାଇ ବାରିପଟକୁ ଯାଇଥିବାବେଳେ ଘରେ ପଶି କେହି ନେଇଯାଇଥିବା ୩୦ ତାରିଖରେ ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା।

## ଦୁର୍ଘଟଣାରେ ଯୁବକ ମୃତ

ସୋରଡା, ୩୦।୭(ସମିସ): ସୋରଡ଼ା ଥାନା ଅନ୍ତର୍ଗତ ଗୋପାଳପୁରଶାସନ ନିକଟ କାଜୁ ଫ୍ୟାକ୍ଟ୍ରିରେ ପିକପ ଭ୍ୟାନ ଧକ୍କା ଫଳରେ ଜଣକ ମୃତ୍ୟୁ ଘଟିଛି। ମୃତକ ହେଲେ କରଡାବାଡି ଗ୍ରାମର ବିଶୁ ମଲ୍ଲିକ(୩୫)। ବିଶୁ ଭଞ୍ଜନଗରରୁ ସୋରଡ଼ା ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ତଦନ୍ତ କରୁଛି।

## ଏନ୍ଏସି କାଉନ୍ସିଲ ବୈଠକକୁ ସାମ୍ବାଦିକଙ୍କୁ ମନା

● ଦୋଷ ଲୁଚାଇବାକୁ ଉଦ୍ୟମ ନୁହେଁ ତ

ଗଞ୍ଜାମ, ୩୦।୭(ସମିସ): ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ରେ ବୁଧବାର ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତତ୍ୱରେ ଅନୁଷ୍ଠିତ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି ବୈଠକକୁ କୌଣସି ସାମ୍ବାଦିକଙ୍କୁ ଡକାଯାଇ ନଥିଲା। ପୂର୍ବରୁ ଏନଏସିର ସମସ୍ତ ବୈଠକରେ ଗଣମାଧ୍ୟମକୁ ଆମନ୍ତ୍ରଣ କରାଯାଉଥିବା ବେଳେ ଏଥର ବାଦ ଦିଆଯିବା ସ୍ଥାନୀୟ ଜନସାଧାରଣ ଓ ସାମ୍ବାଦିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ବୈଠକରେ ସହରର ବିକାଶ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ସାମ୍ବାଦିକଙ୍କୁ ବୈଠକରୁ ଦୂରେଇ ରଖିବା ସୂଚନାର ଅଧିକାର ଓ ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି। ଦୁର୍ନୀତି ଲୁଚାଇବାକୁ ଜାଣୁଶୁଣି ଏନ୍ଏନି ପ୍ରଶାସନ ଏଭଳି କରିନି ତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ କରାଯାଇଛି। ବିପକ୍ଷ ଦଳ ଏହି ନିଷ୍ପତ୍ତିକୁ ସରକାରୀ କାର୍ଯ୍ୟରେ ଅସ୍ୱଚ୍ଛତାର ଉଦାହରଣ ଭାବେ ଉପସ୍ଥାପନ କରିଛନ୍ତି। ସ୍ଥାନୀୟ ସାମ୍ବାଦିକ ସଂଘ ଏହାର ତୀବ୍ର ବିରୋଧ କରି ଘଟଣାର ତଦନ୍ତ ଦାବି କରିଛି। ଏହି ପରିସ୍ଥିତି ଗଞ୍ଜାମରେ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମ୍ପର୍କକୁ ଆହୁରି ଜଟିଳ କରିପାରେ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଖଜୁରୀଘାଇ ବନ୍ଧରେ ବୁଡ଼ି ବୃଦ୍ଧା ମୃତ

ଖଲ୍ଲିକୋଟ, ୩୦।୭(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗ୍ରାମରେ ଥିବା ଖଜୁରୀ ଘାଇ ବନ୍ଧରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଥୁରା ଗ୍ରାମର ହେମ ସାହୁ (୬୮)। ହେମ ବୁଧବାର ଭୋରରୁ ଖଜୁରୀଘାଇ ବନ୍ଧକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପୁଲିସ ଉପସ୍ଥିତିରେ ପାଣି ଭିତରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୁଲିସ ଶବ ଜବତ କରି ଖଲ୍ଲିକୋଟ ମେଡ଼ିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## କିସ୍ତି ଟଙ୍କା ମାଗିବାକୁ ଯାଇଥିବା ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

ରମ୍ଭା/ହୁମ୍ମା, ୩୦।୭(ସମିସ): ରମ୍ଭା ଥାନା ଅଞ୍ଚଳ ପାଲୁର ଡ଼ାଳଖାଇ ଗ୍ରାମରେ ଏଲଏଣ୍ଡଟି ଫାଇନାନ୍ସ ସଂସ୍ଥା କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଫାଇନାନ୍ସ କର୍ମଚାରୀଙ୍କ ଜୁଲମ୍ ସହି ନପାରିବାରୁ ଜଣେ ମହିଳାଙ୍କ ପୁଅ ଏପରି ଆକ୍ରମଣ କରିଛନ୍ତି। ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ପୃଥକ ପୃଥକ ମାମଲା ରୁଜୁ କରିଛି।

ପୁଲିସର ସୂଚନାନୁସାରେ ଏଲଏଣ୍ଡଟି ଫାଇନାନ୍ସ ସଂସ୍ଥାର ଦୁଇ କର୍ମଚାରୀ ତଥା ଶେରଗଡ଼ ଥାନା ଅଞ୍ଚଳ ମହୁପଦର ଗ୍ରାମର ଭିକାରୀ ଚରଣ ଡାକୁଆ(୨୩) ଓ ଧରାକୋଟ ଥାନା ଅଞ୍ଚଳ କମାଶାଶନ ଗ୍ରାମର ରାକେଶ କୁମାର ସ୍ୱାଇଁ(୨୫) ଡାଳଖାଇ ଗାଁର ଲକ୍ଷ୍ମୀ ମଲ୍ଲିକଙ୍କୁ ଟଙ୍କା ଦେଇଥିଲେ। ଧାର୍ଯ୍ୟ ସମୟରେ ଲକ୍ଷ୍ମୀ କିସ୍ତି ନସୁଝିବାରୁ ଗତ ଶନିବାର ସକାଳେ ଭିକାରୀ ଓ ରାକେଶ ଲକ୍ଷ୍ମୀଙ୍କ ଘରକୁ ଯାଇ କିସ୍ତି ଟଙ୍କା ମାଗିଥିଲେ। ତେବେ ସେ ଏବେ ଟଙ୍କା ନଥିବା ଏବଂ ପରେ ଦୁଇ କିସ୍ତି ଏକାଥରେ ଦେବି କହିଥିଲେ। ହେଲେ ଦୁଇ କର୍ମଚାରୀ ଲକ୍ଷ୍ମୀଙ୍କୁ ଗାଳି କରିଥିଲେ। ଏପରିକି ଟଙ୍କା ନଦେଲେ ଘର ବାରଣ୍ଡାରୁ ଯିବୁ ନାହିଁ ବୋଲି କହିଥିଲେ। ଲକ୍ଷ୍ମୀଙ୍କ ପୁଅ ଉଭୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଦୁଇ କର୍ମଚାରୀ ଓ ଲକ୍ଷ୍ମୀ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସୃଜନ, ଜେନା ପରିବାର ବର୍ଗ ।

## ସଂଘବଦ୍ଧ ଆକ୍ରମଣ ଘଟଣା; ୪ଗିରଫ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୩୦।୭(ସମିସ)

ଗୋଳନ୍ଥରା ଥାନା ଅନ୍ତର୍ଗତ ଭୈରବୀ ରାସ୍ତାରେ ଏକାଧିକ ଯୁବକ ଓ ତାଙ୍କ ପରିବାର ଲୋକଙ୍କୁ ସଂଘବଧ ଆକ୍ରମଣ ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୈରବୀ ଚଟି ରୋଡ଼ର ଅଜିତ କୁମାର କର(୩୨), ଗୋଳନ୍ଥରା ଶଙ୍କର ଗୌଡ଼(୨୬), ହେମନ୍ତ ଜେନା(୨୯) ଓ ପପୁନ ପ୍ରଧାନ (୨୩)। ପୁଲିସ ଘଟଣା ସ୍ଥଳରୁ କାର୍ ଜବତ କରିଛି।



ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ସହରର ତୁଳସୀ ନଗର ଭାନୁମୂର୍ତ୍ତିଙ୍କ ପରିବାର ଓ ତାଙ୍କ ସମ୍ପର୍କୀୟ ଦୁଇଟି ଗାଡ଼ିରେ ଭୈରବୀ ଦର୍ଶନ କରି ଏକ ଶିଶୁର ମୁଣ୍ଡନ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଭୈରବୀ ଛକଠାରେ ଥିବା ଅଜିତ କରଙ୍କ ଗ୍ରୋସରୀ ଦୋକାନ ସମ୍ମୁଖରେ କିଛି ସିମେଣ୍ଟ ପ୍ଲେଟ ରଖା ଯାଇଥିଲା ଓ କାର୍ଟି ଗୋଟିଏ ସିମେଣ୍ଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ଦୋକାନୀ ଅଜିତ ଏହା ଦେଖି ଉତ୍ୟକ୍ତ ହୋଇ ନିକଟରେ ଥିବା ପଥରରେ କାର୍ର କାଚ ଭାଙ୍ଗି ଦେଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଅଜିତ ନିଜର ଏକାଧିକ ବନ୍ଧୁଙ୍କୁ ଡାକିଥିଲା। ଘଟଣା ସ୍ଥଳରେ ଅଜିତଙ୍କ ସାଙ୍ଗମାନେ ପହଞ୍ଚି ଭାନୁମୂର୍ତ୍ତି(୩୨)ଙ୍କୁ ଓ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଆକ୍ରମଣ କରିଥିଲେ। ଆହତ ଭାନୁମୂର୍ତ୍ତି ଘଟଣାସ୍ଥଳରୁ ଦୌଡ଼ି ଚାଲିଯାଇ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସ୍ରେ ଚାଲି ଯାଉଥିବା ବେଳେ ଗୋଳନ୍ଥରାରେ ତାଙ୍କୁ ବସ୍ରୁ ଓହ୍ଲାଇ ଛୁରି ଦ୍ୱାରା ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣରେ ୬ ଜଣ ଆହତ ହୋଇଥିଲେ। ଭାନୁମୂର୍ତ୍ତି ଗୁରୁତର ହେବାରୁ ବ୍ରହ୍ମପୁର ଏମ୍କେସିଜି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏସ୍ଆଇ ଗଗନ କୁମାର ବେହେରା ଉକ୍ତ ମାମଲାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ଗାଡ଼ିକୁ ଜବତ କରାଯାଇଥିବା ସେ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ଭଞ୍ଜନଗର, ୩୦।୭(ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ଡହ ରାସ୍ତାର ଚିଦାନନ୍ଦ ଆଶ୍ରମ ନିକଟରେ ବୁଧବାର ସକାଳେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବୁଗୁଡ଼ା ଥାନା କନଷ୍ଟେବଲଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖମାରେଡି ଗ୍ରାମର କନେଷ୍ଟବଳ ଧ୍ରୁବ ସ୍ୱାଇଁ ଏବଂ ବଡ଼କୋଦଣ୍ଡାର ପପୁ ଗୌଡ଼। ଆହତଙ୍କୁ ଭଞ୍ଜନଗର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଧ୍ରୁବ ବୁଗୁଡ଼ା ଥାନାରେ କନଷ୍ଟେବଳ ଭାବେ ନିୟୋଜିତ ଅଛନ୍ତି। ତେଣୁ ସେ ବୁଧବାର ସକାଳେ ଥାନାକୁ ବାଇକରେ ଯାଉଥିବାବେଳେ ବଡକୋଦଣ୍ଡାର ପପୁ ଡହ ଆଡ଼େ ଯାଉଥିଲେ। ବାଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

## ଘରୁ ଅଳଙ୍କାର ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୦।୭(ସମିସ): ସ୍ଥାନୀୟ ଶକ୍ତିନଗର ଅଞ୍ଚଳର ଏକ ଘରୁ ସୁନା ଅଳଙ୍କାର ଚୋରି ଘଟଣାରେ ଗୋଷାଣୀନୂଆଗାଁ ପୁଲିସ କବିସୂର୍ଯ୍ୟନଗର ଅଞ୍ଚଳରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ କବିସୂର୍ଯ୍ୟନଗର ବଡ଼ଖରିଡ଼ା ଗ୍ରାମର କେ. ରାଜେଶ (୨୬)। ଅଭିଯୁକ୍ତଠାରୁ ପୁଲିସ ଗୋଟିଏ ସୁନା ମୁଦି ଓ ୩ ହଳ ପାଉଁଚି ଜବତ କରିଛି। ଏହି ଘଟଣାରେ ଆହୁରି ୨ରୁ ୩ଜଣଙ୍କ ସମ୍ପୃକ୍ତି ରହିଛି। ସେମାନେ ଏବେ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ଖୁବଶୀଘ୍ର ଗିରଫ କରାଯିବ ବୋଲି ଡ଼ିଏସପି ତଥା ଉକ୍ତ ଥାନା ଇନ୍ସପେକ୍ଟର ସ୍ମୃତି ପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୬ରୁ ଉର୍ଦ୍ଧ୍ୱ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି। ରାଜେଶ ପୂର୍ବରୁ ସୁକୁଣ୍ଡା ଅଞ୍ଚଳରେ ରହୁଥିବା ବେଳେ ବର୍ତ୍ତମାନ କବିସୂର୍ଯ୍ୟନଗର ବଡ଼ଖରିଡ଼ା ଗ୍ରାମର ରହୁଥିଲେ। ସୂଚନାଯୋଗ୍ୟ ଯେ, ଶକ୍ତିନଗରସ୍ଥିତ କେ. ଗାୟତ୍ରୀ ଓ ତାଙ୍କ ପରିବାର ଲୋକେ ଶୋଇଥିବାବେଳେ ଗତ ୨୦ତାରିଖ ରାତିରେ କିଛି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ସୁନାଗହଣା ଲୁଟ୍ କରିଥିଲେ।

## ଟ୍ରକ ପଛରେ ଧକ୍କା ଦେଇ ବାଇକ ଚାଳକ ମୃତ

ବ୍ରହ୍ମପୁର,୩୦।୭(ସମିସ): ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକ ଓ ବାଲିପଡ଼ା ଛକ ମଝି ରାସ୍ତାରେ ମଙ୍ଗଳବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ସନ୍ତୋଷ ବାଡ଼ତ୍ୟା ଓରଫ ବୁଢ୍ଡ (୩୭)। ସନ୍ତୋଷ ବ୍ରହ୍ମପୁରରୁ ଦିଗପହଣ୍ଡି ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଏକ ଟ୍ରକ ପଛରେ ଧକ୍କା ଦେଇଥିଲେ। ସଦର ପୁଲିସ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ନେବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଘଟଣାସ୍ଥଳରୁ ସମ୍ପୃକ୍ତ ଟ୍ରକ୍ ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି ପୁଲିସ।

# ବ୍ରହ୍ମପୁରରେ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ; ଏନ୍‌ଫୋର୍ସମେଣ୍ଟ ହେବ କ୍ରିୟାଶୀଳ

ବ୍ରହ୍ମପୁର,୩୦।୭(ସମିସ)



ସହରରେ ଦିନକୁ ଦିନ ଜଟିଳ ହେଲାଣି ଟ୍ରାଫିକ ସମସ୍ୟା। ଆମ୍ବୁଲାନ୍ସ ଯାତାୟତରେ ମଧ୍ୟ ସୃଷ୍ଟି ହେଉଛି ବାଧା। ଯାହାର ମୁଖ୍ୟ କାରଣ ହେଉଛି ଜବରଦଖଲ, ରାସ୍ତା ଉପରେ ପାର୍କିଂ, ଉଠାଦୋକାନୀଙ୍କ ସମେତ ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ଗଚ୍ଛିତ କରିବା। ଏସବୁକୁ ଦୃଷ୍ଟିରେ ରଖି ବିଇଏମସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟକୁ କ୍ରିୟାଶୀଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ୪୨ଟି ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମକୁ ୩ଟି ଜୋନରେ ବିଭକ୍ତ କରାଯାଇ ଏଥିପାଇଁ ୬ଟି

- ୩ଟି ଜୋନରେ ବିଭକ୍ତ ସହରର ୪୨ଟି ୱାର୍ଡରେ ନିୟୋଜିତ ରହିବେ ୬ଟି ସ୍ୱତନ୍ତ୍ର ଟିମ୍
- ଦୁଇ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନିଯୁକ୍ତ; ଖିଲାପିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ
- ଅଗଷ୍ଟ ପହିଲାରୁ ଟ୍ରେଡ୍ ଲାଇସେନ୍ସ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ, ବୁଲିବ ସଚେତନତା ରଥ

ଟିମ୍ ଗଠନ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ଏହି ଟିମ ପୃଥକ ପୃଥକ ଭାବେ ବିଭିନ୍ନ ସ୍ଥାନରେ ଜବରଦଖଲ ଭଳି ସମସ୍ୟାର ସମାଧାନ କରିବେ। ପ୍ରତ୍ୟେକ ଟିମରେ ଜଣେ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଟିମର କାର୍ଯ୍ୟକୁ ତଦାରଖ କରିବାକୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଇତି ମଧ୍ୟରେ ବିଇଏମସିରେ ଦୁଇଜଣ ଯୁଗ୍ମ ଏନଫୋର୍ସମେଣ୍ଟ ଅଧିକାରୀ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଅଗଷ୍ଟ ପହିଲାରୁ ସହରରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ବିଇଏମସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ରାପିଡ ରେସପନ୍ସ ଟିମ ଭାବେ ସହରରେ କାମ କରିବ। ବର୍ଷା ଦିନରେ ମଧ୍ୟ ଏହି ଟିମ କାମ କରିବ। ଏଥିପାଇଁ ବିଇଏମସିର ହେଲ୍ପ ଲାଇନ ଜରିଆରେ ଲୋକଙ୍କ ଠାରୁ ଆସୁଥିବା ତଥ୍ୟ ଓ ସୂଚନା ଆଧାରରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଜବରଦଖଲ ଉଚ୍ଛେଦ ଭଳି କାର୍ଯ୍ୟରେ ପୁଲିସର ସହାୟତା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ।

ବିଇଏମସି ପକ୍ଷରୁ ପୂର୍ବରୁ ଥିବା ଏନଫୋର୍ସମେଣ୍ଟ ଟିମ୍‌କୁ ରଦ୍ଦ କରାଯାଇ ନୂତନ ଭାବେ ୩ଟି ଜୋନରେ ୬ଟି ଟିମ ଗଠନ କରାଯାଇଛି। ଟିମ୍‌ର ସମସ୍ତ ସଦସ୍ୟଙ୍କୁ ୟୁନିଫର୍ମ ଦିଆଯାଇଥିବା ବେଳେ ୩ଟି ଜୋନ ପାଇଁ ଜିପିଏସ ସହିତ ଯୋଡି ହୋଇଥିବା ୩ଟି ଗାଡିକୁ ନିୟୋଜିତ କରାଯାଇଛି। ଯାହାକୁ ମଙ୍ଗଳବାର ମେୟର ସଂଘମିତ୍ରା ଦଳେଇଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି।



ସେହିଭଳି ସହରରେ ଟ୍ରେଡଲାଇସେନ୍ସକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହେବ। ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବାକୁ ଗାଡି ଓ ଡାକବାଜି ଯନ୍ତ୍ର ସହାୟତାରେ ନିୟମକୁ ନେଇ ଅବଗତ କରାଯିବ। ଅଗଷ୍ଟ ପହିଲାରୁ ବିଇଏମସି କାର୍ଯ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଖୋଲାଯିବ। ଏଠାକୁ ଲୋକେ ସିଧାସଳଖ ଆସି ନିଜର ଦ୍ୱନ୍ଦ୍ୱ ବା ସନ୍ଦେହ ଦୂର କରିପାରିବେ। ଏବଂ କ୍ୟାମ୍ପରେ ଉପସ୍ଥିତ କର୍ମଚାରୀ ବ୍ୟକ୍ତି କିମ୍ବା ସଂସ୍ଥାର ପଞ୍ଜିକରଣରେ ସହାୟତା ଯୋଗାଇବେ। ଛୋଟ ହେଉ କି ବଡ ପ୍ରତ୍ୟେକ ବ୍ୟବସାୟୀକ ପ୍ରତିଷ୍ଠାନ ପାଇଁ ଟ୍ରେଡଲାଇସେନ୍ସ ବାଧ୍ୟତାମୂଳକ। ଏଣୁ ଅନଲାଇନରେ ନିଜନିଜର ବ୍ୟବସାୟିକ ପ୍ରତିଷ୍ଠାନକୁ ପଞ୍ଜିକରଣ କରିବା ଜରୁରୀ। ନୂତନ ପଞ୍ଜିକରଣ ଓ ନବୀକରଣ ଉଭୟର ବ୍ୟବସ୍ଥା ଅନଲାଇନ ଜରିଆରେ କରିପାରିବେ। ତେବେ ଯେଉଁ ପ୍ରତିଷ୍ଠାନ ଅଥବା ବ୍ୟକ୍ତିବିଶେଷ ଜାଣିଶୁଣି ପଞ୍ଜିକରଣ କରୁନାହାନ୍ତି ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଚେତନ କରାଯାଉଥିବା ବେଳେ ପରବର୍ତ୍ତି ସମୟରେ ସେମାନଙ୍କ ବିରୁଦ୍ଧରେ ଜରିମାନା ସହିତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ନିକଟରେ ହୋଇଥିବା ବିଇଏମସିର ଟେକ୍ସ ଓ ରାଜସ୍ୱ ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଇଏମସିକୁ ବିଭିନ୍ନ ଉତ୍ସରୁ ଆସିବାକୁ ଥିବା ରାଜସ୍ୱ ନେଇ ସମୀକ୍ଷା ବେଳେ ଏହି ଦିଗକୁ ନେଇ ମଧ୍ୟ ଆଲୋଚନ କରାଯାଇଥିଲା। ରାଜସ୍ୱ ଆଦାୟର ବିଭିନ୍ନ ଦିଗ ଓ ସୁଯୋଗକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଭୟ କାର୍ଯ୍ୟରେ ସହରବାସୀଙ୍କର ସହଯୋଗ ରହିଲେ ସହରର ଟ୍ରାଫିକ ଭଳି ଜଟିଳ ସମସ୍ୟାର ସମାଧାନ ସହିତ ବିଇଏମସିର ରାଜସ୍ୱ ବୃଦ୍ଧି ହୋଇପାରିବ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ।



ନୂତନ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ

# ପରଲୋକରେ ଡ଼ା ତାରାପ୍ରସାଦ ପାଢ଼ୀ

## ଉତ୍କଳ ଆଶ୍ରମ ଓ କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୩୦।୭(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ପ୍ରାକ୍ତନ ସଦସ୍ୟ, ବ୍ରହ୍ମପୁର ପୌର ମହାନଗରାଞ୍ଚଳର ବିଶିଷ୍ଟ ସମାଜସେବୀ ଓ ପୌର ଚିକିତ୍ସାଳୟର ପ୍ରାକ୍ତନ ଭେଷଜ ବିଶେଷଜ୍ଞ ଡା. ତାରାପ୍ରସାଦ ପାଢ଼ୀଙ୍କର ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଦେହାବସାନ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ଗତ ପ୍ରାୟ ଏକ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ବ୍ରହ୍ମପୁର ସ୍ଥିତ ଗାନ୍ଧିନଗର ଘରକୁ ଫେରିଥିଲେ। ଗତକାଲି ସ୍ଥାନୀୟ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ହସ୍ପିଟାଲରେ ଡାଏଲିସିସ୍ ଚାଲିଥିବାବେଳେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତିମାନେ ଉପସ୍ଥିତ ଥିଲେ। ମରଶରୀର ବାସଭବନକୁ ଅଣାଯିବା ପରେ ଗତକାଲି ରାତିରେ ହିଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ତଥା କଳିଙ୍ଗ ସାହିତ୍ୟ ସମାଜ ସଭାପତି ଓ ଉତ୍କଳ ଆଶ୍ରମ ନ୍ୟାସ ସଂପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖାଗ୍ନି ଦେଇଥିଲେ। ଡା. ପାଢ଼ୀଙ୍କ ତିରୋଧାନରେ ଉତ୍କଳ ଆଶ୍ରମ ନ୍ୟାସ ଓ କଳିଙ୍ଗ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଉତ୍କଳ ଆଶ୍ରମ ସଭାଗୃହରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ସାହିତ୍ୟ ସମାଜ ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଡା. ତାରାପ୍ରସାଦ ପାଢ଼ୀଙ୍କ ଦିବଂଗତ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ଓ ସ୍ମୃତିଚାରଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ, ସତ୍ୟ ନାରାୟଣ ପାଣିଗ୍ରାହୀ, ଡ. ବାୟାମନୁ ଚର୍ଚ୍ଚି, ଡ. ରାଧାଗୋବିନ୍ଦ ପାଢ଼ୀ, ଡ. ସୁଶାନ୍ତ କୁମାର ମିଶ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀ, ଡ. କୁଳମଣି ଓଝା, ଡା. ସାଗର ରଞ୍ଜନ ତ୍ରିପାଠୀ, ବିଜୟ କୁମାର ପାଣିଗ୍ରାହୀ, ଡ. ପିନାକୀ ମହାନ୍ତି, ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ସୁଦୀପ କୁମାର ସାହୁ, କପିଳ ଚନ୍ଦ୍ର ମହାନ୍ତି, ଅଭୟେନ୍ଦୁ ଶେଖର ପଟ୍ଟନାୟକ, ଡ. ପ୍ରସନ୍ନ କୁମାର ବିଷୋୟୀ, ଡ. ସଞ୍ଜୟ କୁମାର ପଣ୍ଡା, ଅନୀଲ କୁମାର ପାତ୍ର, ଡ. ଅଶୋକ କୁମାର ପଣ୍ଡା, ନଳିନୀକାନ୍ତ ଗୌଡ଼, ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଏହି ଶୋକସଭାରେ ଉପସ୍ଥିତ ରହି ପରଲୋକଗତ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



# କାର୍ ଭଡ଼ା ଲଗାଇବାକୁ ନେଇ ବନ୍ଧା ପକାଇଦେଲେ

■ ବିଶ୍ୱାସରେ ବିଷଦେଲା ସାଙ୍ଗ

ବ୍ରହ୍ମପୁର,୩୦।୭(ସମିସ): ଜଣେ ବ୍ୟକ୍ତିଙ୍କ କାର୍‌କୁ ଏକ କମ୍ପାନୀରେ ଭଡ଼ାରେ ଲଗାଇବାକୁ ପ୍ରତିଶ୍ରୁତି ଦେଇ ଠକେଇ ଅଭିଯୋଗ ହୋଇଛି। ଏପରିକି ଠକେଇରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନେ ଓଡ଼ିଶାର ଏକାଧିକ ବ୍ୟକ୍ତିଙ୍କ କାର୍‌କୁ ଭଡ଼ାରେ ଲଗାଇବେ ବୋଲି କହି ବେଙ୍ଗାଲୁରୁ ନେଇଯିବା ପରେ ସେଠାରେ ବନ୍ଧା ପକାଇ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଶ୍ରୀରାମନଗର ୩ୟ ଲାଇନର ରମେଶଚନ୍ଦ୍ର ସାହୁ ୨୦୨୦ରେ ଏକ କାର୍ କିଣିଥିଲେ। କିଛିମାସ ପରେ ଇଏମଆଇ ପୈଠରେ ଅସୁବିଧା ହେବାରୁ ବ୍ରହ୍ମପୁରରେ ରହୁଥିବା ରମେଶଙ୍କ ସାଙ୍ଗ ତାଙ୍କ କାରକୁ ବେଙ୍ଗାଲୁରୁରେ ଥିବା ଏକ କମ୍ପାନୀରେ ଭଡ଼ାରେ ଲଗାଇବା ସହ ମାସିକ ଇଏମଆଇ ପୈଠ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ରମେଶ ନିଜ କାରକୁ ସାଙ୍ଗକୁ ଦେଇଥିଲେ। ତାଙ୍କ ସାଙ୍ଗ କିଛି ମାସ ଇଏମ୍ଆଇ ପୈଠ କରିଥିବାବେଳେ ୮ମାସ ହେବ ଆଉ ଇଏମ୍ଆଇ ପୈଠ କରୁନାହାନ୍ତି କିମ୍ବା କାର୍ ମଧ୍ୟ ଫେରାଇନଥିଲେ। ରମେଶ ବେଙ୍ଗାଲୁରୁ ଯାଇ କାର ନେଇଥିବା ସାଙ୍ଗ ଓ ତାଙ୍କ ଭାଇକୁ ଦେଖା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଦେଖା ଦେଇନଥିଲେ। ଯାଞ୍ଚ ପରେ ଉଭୟ ସେହି କାରକୁ ଜଣେ ବ୍ୟକ୍ତିଙ୍କ ନିକଟରେ ବନ୍ଧାରେ ରଖି ୩ଲକ୍ଷ ନେଇ ଯାଇଥିବା ଜଣାପଡିଥିଲା। ଏପରିକି ଉଭୟ ଏକାଧିକ କାର ସେହି ବ୍ୟକ୍ତିଙ୍କ ନିକଟରେ ବନ୍ଧା ରଖି ଲକ୍ଷ ଲକ୍ଷ ଟଙ୍କା ନେଇଯାଇଥିବା ରମେଶ ଜାଣିବାକୁ ପାଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ରମେଶ ବ୍ରହ୍ମପୁର ଫେରି ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା




ବ୍ରହ୍ମପୁର,୩୦।୭(ସମିସ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗର ପ୍ରାଙ୍ଗଣରେ ଜ୍ଞାନ ବିଜ୍ଞାନ ମେଳା-୨୦୨୫ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ସତୀଶ ପ୍ରସାଦ ନାୟକ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ଜଟେଶ୍ୱର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ଗଣିତ ଓ ବିଜ୍ଞାନର ମୋଟ ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ବିଜ୍ଞାନ ପ୍ରେମୀ ଓ କବି ଲିଙ୍ଗରାଜ ଜେନା, ମୋହନା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଖିଳ ନାଥ ସାବତ, ପୂର୍ବତନ ବିଜ୍ଞାନ ନିରୀକ୍ଷକ ଗୋକୁଳକୃଷ୍ଣ ପଣ୍ଡା, ବାଲିପଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିରଣ କୁମାର ମିଶ୍ର, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ରାଜ୍ୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଭାଗିରଥି ସ୍ୱାଇଁ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିଜୟ କୁମାର ପାଳ, ଜଗଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ. ନାଗେଶ୍ୱର ରାଓ, ଗଣିତ ଶିକ୍ଷକ ଜେ. ରମେଶ ଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ ଏବଂ ଉପଦେଷ୍ଟା କେ. ଭେଙ୍କଟ ରାଓ ଯୋଗ ଦେଇଥିଲେ। ଏଥିରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଓ ବିଜ୍ଞାନ ବିଭାଗର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଶାନ୍ତନୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁର କୋର୍ଟ ପରିସରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ



ବ୍ରହ୍ମପୁର,୩୦।୭(ସମିସ): ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ସେଥିମଧ୍ୟରୁ ମା' ଓ ଶିଶୁ ଗୃହ ତଥା ବ୍ରେଷ୍ଟ ଫିଡିଂ ରୁମ ଅନ୍ୟତମ। ସେହିଭଳି କୋର୍ଟ କ୍ୟାମ୍ପସରେ ଓକିଲ ଓ ମହକିଲଙ୍କ ସୁବିଧା ପାଇଁ ଶୌଚାଳୟର ଅଭାବ ରହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପୁରୁଷ, ମହିଳା ଓ ତୃତୀୟଲିଙ୍ଗୀ ବା ଟ୍ରାନ୍ସଜେଣ୍ଡରଙ୍କ ପାଇଁ ପୃଥକ ପୃଥକ ୩ଟି ପ୍ରକ୍ଷାଳନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ସମୁହକୁ ଗଞ୍ଜାମ ଜିଲ୍ଲା ଦୌରା ଜଜ୍ ଡଃ ଭାଗ୍ୟଲକ୍ଷ୍ମୀ ରଥଙ୍କ ଉପସ୍ଥିତିରେ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ପାଢୀ ଓ କିଶୋର ବିଷୋୟୀଙ୍କ କରକମଳରେ ଉଦ୍‌ଘାଟିତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜଜ୍ ୧ ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ ୨ ଆୟୁଷ୍ମାନ ମହନ୍ତ, ଅତିରିକ୍ତ ଜିଲ୍ଲା ଜଜ ୩ ବିବଶଦ୍ଧ ଗୌତମ, ପାରିବାରିକ ଆଦାଲତ ଜଜ ଜାନକୀ ବିଶ୍ୱାଳ, ଅପିଆଇଡ଼ି ଜଜ୍ ସଂଗୀତା ପାଣିଙ୍କ ସମେତ ଅନ୍ୟାନ୍ୟ ନ୍ୟାୟିକ ଅଧିକାରୀ ଓ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ କୁମାର ପଟ୍ଟନାୟକ, ଉପ ସଭାପତି ତ୍ରିମୁଲା କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଏବଂ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପରିବାର ଅଦାଲତକୁ ଆସୁଥିବା ମହିଳାଙ୍କୁ ଅନେକ ସମୟରେ କୋର୍ଟ ପରିସରରେ ଅପେକ୍ଷା କରିବାକୁ ପଡ଼ିଥାଏ। ଏହିକ୍ରମରେ ମହିଳାମାନେ ସେମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନ କରାଇବାରେ ସମସ୍ୟାର ସମ୍ମୁଖିନ ହୁଅନ୍ତି। ଏହାକୁ ଦୂର କରିବା ଲକ୍ଷ୍ୟରେ ମାତୃତ୍ୱ କକ୍ଷ ଖୋଲିଥିବା ଏଠାରେ କୁହାଯାଇଛି।

# ସରକାରୀ ଅଧିକାରୀଙ୍କ ସହଯୋଗରେ ଚାଲୁଛି ବେଆଇନ ଖଣି

## ପ୍ରାକୃତିକ ପରିବେଶ, ଜୀବଜନ୍ତୁ, ପ୍ରାଚୀନ କୀର୍ତ୍ତି ସୁରକ୍ଷା ଦାବି

ବ୍ରହ୍ମପୁର,୩୦।୭(ସମିସ)

ଗଞ୍ଜାମ ତୁକ୍କାପଡ଼ା ପଞ୍ଚାୟତରେ ବେଆଇନ ଖଣି ବନ୍ଦ କରିବାକୁ ଦାବି ଜୋର ହୋଇଛି। ଏଠାକାର ପୂର୍ବତନ ସରପଞ୍ଚ ଆରତୀ ଦେବୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ କରିଛନ୍ତି। ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗରେ ଏହି ବେଆଇନ ଖଣି ଚାଲୁଥିବା ସେ ଅଭିଯୋଗ କରିଛନ୍ତି। ବେଆଇନ ଖଣି ଦ୍ୱାରା ନିଜ ଅଞ୍ଚଳର ବିରଳ ଜୀବଜନ୍ତୁ, ପ୍ରାକୃତିକ ପରିବେଶ, ପ୍ରାଚୀନ କୀର୍ତ୍ତି ଓ ଜଳାଶ୍ରୟ ନଷ୍ଟ ହେଉଛି। ଏଣୁ ଖଣି ମାଫିଆମାନଙ୍କଠାରୁ ଏଗୁଡ଼ିକୁ ରକ୍ଷା କରିବାକୁ ସେ ନିବେଦନ କରିଛନ୍ତି। ଖଣି ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ ଓ କଟିଂ କରି କୋଟି କୋଟି ଟଙ୍କାର ପଥର ଲୁଟ୍ କରିବା ସହ ବିରଳ ଜୀବଜନ୍ତୁ ତଥା ଗଞ୍ଜାମର ଗର୍ବ କୃଷ୍ଣସାର ମୃଗ, ମୟୂରଙ୍କର ମୃତ୍ୟୁ ଘଟୁଥିବା ସେ ଜଣାଇଛନ୍ତି। ବହୁ ପ୍ରାଚୀନ ସପ୍ତେଶ୍ୱର ମନ୍ଦିରର ଚାରିପଟେ ଥିବା ଏହି ସମୂହ ଖଣି ଖନନକୁ ନେଇ ପ୍ରଶ୍ନ କରିଛନ୍ତି। ସୁଶ୍ରୀ ଦେବୀ କହିଛନ୍ତି ଯେ, ଗଞ୍ଜାମର ପୂର୍ବତନ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିପାଇଁ ଦୃଷ୍ଟି ଦେଇ ନାହାନ୍ତି କି ପ୍ରଶାସନ ପ୍ରକୃତ ତଦନ୍ତ କରିନି। ଜିଲ୍ଲାପାଳ ମିଛ ରିପୋର୍ଟ ଦେଇଥିବା ଆରତୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ରିପୋର୍ଟରେ ଜିଲ୍ଲାପାଳ ପାଉଡ଼ର ଜରିଆରେ ବ୍ଲାଷ୍ଟିଂ ହେଉଥିବା ଦର୍ଶାଇଥିବା ଆରତୀ କହିବା ସହ ପ୍ରକୃତରେ ଶହ ଶହ ଜିଲୋଟିନ୍ ଲଗାଇ ବିସ୍ଫୋରଣ କରି ତୁକାପଡା ପଞ୍ଚାୟତର ସବୁ ପାହାଡ଼ରୁ ପଥର ଉତ୍ତୋଳନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ଆୟୁଦ୍ଧ କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛନ୍ତି ମାଫିଆ। ଆସନ୍ତା ୬ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ୧୦ତାରିଖରୁ ରାଜଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି।

● ସରକାରଙ୍କ ରଙ୍ଗବଦଳା ଅଭିଯାନ

# ଗେରୁଆ ହେଲା ୧୦୮ ଆମ୍ବୁଲାନ୍ସ

ବ୍ରହ୍ମପୁର,୩୦।୭(ସମିସ): ରାଜ୍ୟରେ ସରକାର ବଦଳିବା ସହିତ ଅନେକ ପରିବର୍ତ୍ତନ ଘଟିଛି। ସେଥିମଧ୍ୟରୁ ରଙ୍ଗ ବଦଳିବା ଅଭିଯାନ ପ୍ରମୁଖ ଅନ୍ୟତମ। ପରିବହନ ବିଭାଗର ଯାନବାହାନ, ସ୍କୁଲ ପିଲାଙ୍କ ଆଇଡି କାର୍ଡ ଓ ସରକାରୀ କାର୍ଯ୍ୟାଳୟ ଗୁଡିକର ରଙ୍ଗ ପର୍ଯ୍ୟାୟ କ୍ରମେ ବଦଳା ଯାଇଥିଲା। ବର୍ତ୍ତମାନ ଏହି ଅଭିଯାନରୁ ବାଦ ପଡିନି ଆମ୍ବୁଲାନ୍ସ ଭଳି ଜରୁରୀକାଳିନ ସେବା। ପ୍ରଥମେ ପ୍ରାଣୀ ଚିକିତ୍ସାଳୟରେ ଥିବା ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସର ରଙ୍ଗ ବଦଳା ଯାଇଥିବା ବେଳେ ବର୍ତ୍ତମାନ ୧୦୮ ଆମ୍ବୁଲାନ୍ସର ରଙ୍ଗ ସବୁଜରୁ ଗେରୁଆ ହୋଇସାରିଛି। ରାଜରାସ୍ତାରେ ହଠାତ ଗେରୁଆ ରଙ୍ଗର ଆମ୍ବୁଲାନ୍ସକୁ ଦେଖି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି ହୋଇଛି। ତେବେ ରଙ୍ଗ ବଦଳା ଅଭିଯାନରୁ ଆମ୍ବୁଲାନ୍ସକୁ ମଧ୍ୟ ରାଜ୍ୟ ସରକାର ବାଦ ଦେଇନଥିବା ଘଟଣାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏହାକୁ ନେଇ ଭିନ୍ନଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ତେବେ ସବୁଠାରୁ ବଡକଥା ହେଲା ୧୦୮ ଆମ୍ବୁଲାନ୍ସ ଜରିଆରେ ଲୋକଙ୍କୁ ଉଚିତ ସେବା ମିଳିବା କଷ୍ଟକର ହେଉଥିବା ବେଳେ ତାହାର ସମାଧାନ କରିବା ପରିବର୍ତ୍ତେ ୧୦୮ ଆମ୍ବୁଲାନ୍ସର ରଙ୍ଗକୁ ଗେରୁଆ କରି ସରକାର ସମାଜକୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠିଛି।



**ଆନ୍ଧ୍ରରେ ପୁରୁଣା ଓଡ଼ିଶାରେ ନୂଆ**

# ମାନୁଫାକ୍ଚରିଂ ତାରିଖ ବଦଳାଇ ଗଜପତିରେ ଚାଲୁଛି ଅନେକ ବସ୍

ପାରଳାଖେମୁଣ୍ଡି, ୩୦।୭ (ସମିସ)

ନୂତନ ଭାବେ ନିର୍ମାଣ ଦର୍ଶାଇ ଗଜପତି ଜିଲ୍ଲାରେ ବହୁ ପୁରୁଣା ଗାଡି ଚଳାଚଳ କରୁଥିବାର ଅଭିଯୋଗ ହୋଇଛି। ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଜାଣତରେ ଏଭଳି କରାଯାଉଥିବା ସମାଜସେବୀ ପ୍ରନୋଜ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ଆନ୍ଧ୍ରର ବିଭିନ୍ନ ପରିବହନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ଗାଡିଗୁଡିକ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି। ସେହି ଗାଡ଼ି ଗୁଡିକ ଆନ୍ଧ୍ରରେ କିଛି ବର୍ଷ ବ୍ୟବହାର ହେଲାପରେ ଓଡ଼ିଶାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଓଡ଼ିଶା ପରିବହନ ବିଭାଗରେ ପଞ୍ଜୀକୃତ କରାଯାଉଛି। ନିୟମ ଅନୁଯାୟୀ କୌଣସି ବଡ଼ ଯାନବାହନ ନିର୍ମାଣ ତାରିଖ ଠାରୁ ୧୫ ବର୍ଷ ପର୍ଯ୍ୟନ୍ତ




ବ୍ୟବହାର ଉପଯୋଗୀ ହୋଇପାରିବ। ତାହାପରେ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେହି ଯାନ ଗୁଡିକୁ ବ୍ୟବହାର ଉପଯୋଗୀ ଆଉ ହୋଇପାରିବ ନାହିଁ। ସେହି କାରଣରୁ ବିଭିନ୍ନ ପ୍ରକାର ତଞ୍ଚକତା କରି ଗାଡ଼ି ଗୁଡ଼ିକ ଚଳାଇବା ପାଇଁ ଉଦ୍ୟମ କରାଯାଉଛି। ସେଥିରେ କିଛି ଅସାଧୁ କର୍ମଚାରୀ ସହଯୋଗ କରୁଥିବା ସନ୍ଦେହ କରାଯାଉଛି। ଗାଡ଼ିର ପଞ୍ଜୀକରଣ ଯେଉଁଠାରେ ବି ହେଲେ ନିର୍ମାଣ ତାରିଖରେ କୌଣସି ଆଇନତଃ ପରିବର୍ତ୍ତନ ହୋଇପାରିବ ନାହିଁ। କିନ୍ତୁ ସେଥିରେ ବ୍ୟତିକ୍ରମ କରାଯାଉଛି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏପି୩୦ଭି-୧୯୯୬ ନମ୍ବର ବିଶିଷ୍ଟ ଏକ ଯାତ୍ରୀବାହୀ ବସ୍ ୧୯୯୮ ମସିହାରେ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲା ପରିବହନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲା। ସେଥିରେ ନିର୍ମାଣ ତାରିଖ ୧୯୯୮ ମସିହା ବୋଲି ଉଲ୍ଲେଖ ରହିଛି। ଉକ୍ତ ଯାତ୍ରୀବାହୀ ବସ୍‌ଟି ୨୦୦୮ରେ ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଓଡ଼ିଶା ରେଜିଷ୍ଟ୍ରେସନ୍ ନମ୍ବର ପାଇଁ ଆବେଦନ କରାଯାଇଥିଲା। ସେଥିରେ ଉକ୍ତ ଯାତ୍ରୀବାହୀ ବସ୍ ଆନ୍ଧ୍ର ପଞ୍ଜିକୃତ ନମ୍ବର-ଏପି ୩୦ଭି-୧୯୯୬ ବଦଳ କରାଯାଇ ଓଡି୨୦ବି-୪୯୪୧ ନମ୍ବରରେ ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଯାଇଥିଲା। ସେଥିରେ ଉକ୍ତ ବସ୍‌ର ନିର୍ମାଣ ତାରିଖ ୨୦୦୮ ବୋଲି ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ, ଆଇନ ଅନୁଯାୟୀ ଥରେ ଗାଡ଼ି ପଞ୍ଜିକରଣ ସମୟରେ ମାନୁଫାକ୍ଚରିଂ ତାରିଖ ଯାହା ଉଲ୍ଲେଖ ରହିଥିବ ତାହା ଆଉ ପରିବର୍ତ୍ତନ ହୋଇପାରିବ ନାହିଁ। କିନ୍ତୁ ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନମ୍ବର ପ୍ଲେଟ୍ ବଦଳ କରାଯିବା ସମୟରେ ତାରିଖ ପରିବର୍ତ୍ତନ କରାଯାଉଛି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ଏସମ୍ପର୍କରେ ପଚାରିବାରୁ ତାଙ୍କ ନିକଟକୁ ଅଭିଯୋଗ ଆସିଛି। ସେ ନେଇ ଆନ୍ଧ୍ରର ଶ୍ରୀକାକୁଲମ୍ ପରିବହନ କାର୍ଯ୍ୟାଳୟକୁ ସମ୍ପୃକ୍ତ ଗାଡ଼ିର ମାନୁଫାକ୍ଚରିଂ ତାରିଖ ବିଷୟରେ ଦୁଇ ଦୁଇ ଥର ସ୍ପଷ୍ଟୀକରଣ ମଗାଯାଇଛି। କିନ୍ତୁ ଏଯାଏଁ କୌଣସି ଉତ୍ତର ମିଳିନାହିଁ। ତେଣୁ ଉକ୍ତ ବସ୍ ଚଳାଚଳ ବନ୍ଦ କରିବାକୁ କାର୍ଯ୍ୟାଳୟ ତରଫରୁ ନୋଟିସ୍ ଦିଆଯାଇଛି। ତାହା ସହ ଜିଲ୍ଲାରେ ଯାତ୍ରୀଙ୍କ ସୁରକ୍ଷା ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଆବଶ୍ୟକସ୍ଥଳେ ସେପରି ବସ୍ ଜବତ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାରେ ଯୁବକଙ୍କ ଆତଙ୍କରାଜ



ପାରଳାଖେମୁଣ୍ଡି, ୩୦।୭ (ସମିସ): ପାରଳାଖେମୁଣ୍ଡି ଫରେଷ୍ଟ ଗେଟ୍ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ସାମ୍ନାରେ ଯୁବକଙ୍କ ହାଇଡ୍ରାମା। ଏକ ଘଣ୍ଟା ଧରି ଆତଙ୍କରାଜ ଚଳାଇଲେ ଦୁର୍ବୃତ୍ତ। ରାସ୍ତା ମଝିରେ ଗାଡ଼ି ଅଟକାଇ ଗାଳିଗୁଲଜ ସହ ଲୋକଙ୍କୁ ଧମକାଇଲେ। ଦୀର୍ଘ ସମୟ ଧରି ମାରପିଟ ପରେ ପୁଲିସ ପହଞ୍ଚି ଭିଡ଼ ହଟାଇବା ସହ ତିନି ଜଣଙ୍କୁ ଉଠାଇନେଇଥିଲା।

ଘଟଣାରୁ ପ୍ରକାଶ ଯେ, କିଛି ଛାତ୍ର ବାଇକ୍‌ରେ ଆସୁଥିବା ବେଳେ ଆଉ ଦୁଇଟି ବାଇକ୍‌ରେ ଆସୁଥିବା ଯୁବକଙ୍କୁ ଓଭରଟେକ୍ କରିଥିଲେ। ଏହାକୁ ନେଇ ଦୁଇ ବାଇକରେ ଆସୁଥିବା ଚାରି ଯୁବକଙ୍କ ସହ ସେମାନଙ୍କ ଯୁକ୍ତିତର୍କ ହୋଇଥିଲା। କିନ୍ତୁ ଛାତ୍ରମାନେ ଚାଲି ଆସି ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଉଥିବା ବେଳେ ସେହି ଚାରି ଯୁବକ ଆଉ କିଛି ଯୁବକଙ୍କ ସହ ଆସି ଛାତ୍ରଙ୍କୁ ମାରପିଟ୍ କରିଥିଲେ। ଘଟଣାସ୍ଥଳରେ ଆତଙ୍କରାଜ ସୃଷ୍ଟି କରି ହଙ୍ଗାମା କରିଥିଲେ। ଦୀର୍ଘ ସମୟ ମୁଖ୍ୟ ରାସ୍ତା ଉପରେ ଏଭଳି ଚାଲିଥିବା ବେଳେ ଶହ ଶହ ଲୋକ ରୁଣ୍ଡ ହୋଇ ଯାଇଥିଲେ। କିନ୍ତୁ କେହି ସାହାସ କରି ଘଟଣାକୁ ବିରୋଧ କରି ନ ଥିଲେ। କିଛି ସମୟ ପରେ ଖବର ପାଇ ପୁଲିସ ପହଞ୍ଚି ଘଟଣା ସାଳରୁ ଜଣକୁ ଉଠାଇ ନେଇ ପଚରାଉଚରା କରୁଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା କାନ୍ଥ; ଜରିପାଲ ତଳେ ଗଣେଶ

## ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି



ଫିରିଙ୍ଗିଆ, ୩୦।୭ (ସମିସ): ଲଗାଣ ବର୍ଷାରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡ଼ି ପଞ୍ଚାୟତ ଭୃଙ୍ଗିଯୋଡ଼ି ଗାଁର ଗଣେଶ କହଁର(୩୪)ଙ୍କ ଘର କାନ୍ଥ ଭୁଶୁଡି ପଡ଼ିଛି। ଏବେ ସେ ଜରିପାଲ ଟାଣି ବଡ଼ କଷ୍ଟରେ ଜୀବନ ବିତାଉଛନ୍ତି। ଗଣେଶ ମା'ଙ୍କ ସହ ରହୁଥିଲେ। ବର୍ଷକ ତଳେ ମା'ଙ୍କ ମୃତ୍ୟୁ ପରେ ଭଙ୍ଗା ଦଦରା ଘରେ ଗଣେଶ ଯେନତେନ ପ୍ରକାରେ ଏକୁଟିଆ ଚଳି ଆସୁଥିଲେ। କିନ୍ତୁ ଗତ ଲଗାଣ ବର୍ଷାରେ ଘରର ଗୋଟିଏ ପାର୍ଶ୍ୱ କାନ୍ଥ ଭାଙ୍ଗି ଯାଇଥିଲା। ସେ ଘରେ ନଥିବାରୁ ଜୀବନ ବଞ୍ଚି ଯାଇଥିଲା। ବର୍ତ୍ତମାନ ଏକୁଟିଆ ଭଙ୍ଗା ଘରେ ରହୁଛନ୍ତି। ଘର କାନ୍ଥ ଭାଙ୍ଗିବା ସତ୍ତ୍ୱେ କୌଣସି ସରକାରୀ ସହାୟତା ତାଙ୍କୁ ମିଳିନାହିଁ। ବଡ଼ କଷ୍ଟରେ ପାଲ ଖଣ୍ଡିଏ କିଣି ଘରେ ଘୋଡ଼ାଇ ଅସହାୟ ଅବସ୍ଥାରେ ଚଳୁଛନ୍ତି। ଗୋଟାଏ ପଟେ ଘର କାଳେ ଭାଙ୍ଗିଯିବା ଭୟ ଓ ଅନ୍ୟପଟେ ଅଭାବ ତାଙ୍କୁ ଅସହାୟ କରିଛି। ମା' ବଞ୍ଚିଥିବା ସମୟରେ ଆବାସ ଗୃହ ଖଣ୍ଡିଏ ଯୋଗାଇ ଦେବାକୁ ପଞ୍ଚାୟତ ସହ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ ମିଳି ପାରିନାହିଁ। ବର୍ତ୍ତମାନ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ସହ ତୁରନ୍ତ ଆବାସ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗଣେଶ କହଁର ଓ ଗ୍ରାମବାସୀ ଦାବି କରିଛନ୍ତି।

**ମହେନ୍ଦ୍ରତନୟାରେ ଭାସିଯାଇ ମହିଳାଙ୍କ ମୃତ୍ୟୁ ଘଟଣା**

# ମୃତକଙ୍କ ପରିବାରକୁ ଭେଟିଲେ ବ୍ଲକ ଅଧକ୍ଷା

ରାୟଗଡ଼, ୩୦।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ସାଙ୍କୁଡ଼ା ଗ୍ରାମର ସୁବାସିନୀ ଶବରଙ୍କର ଚଳିତ ମାସ ୨୪ ତାରିଖରେ ନିଜ ଗ୍ରାମ ନିକଟସ୍ଥ ମହେନ୍ଦ୍ରତନୟା ନଦୀରେ ଭାସିଯାଇ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସୁବାସିନୀ ସେଦିନ ଗ୍ରାମର ଅନ୍ୟ ୪ଜଣ ମହିଳା ଶ୍ରମିକଙ୍କ ସହ ମିଶି ସୀମାନ୍ତ ଆନ୍ଧ୍ରପ୍ରଦେଶର ସାବା ଗ୍ରାମକୁ ଧାନ ରୋଇବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଲଗାଣ ବର୍ଷା କାରଣରୁ ମହେନ୍ଦ୍ରତନୟା ନଦୀରେ ପ୍ରବଳ ପାଣି ଆସିଥିଲା। ଅନ୍ୟପଟେ ସଞ୍ଜ ନଇଁଯାଉଥିବାରୁ ଘରକୁ ଫେରିବା ଜରୁରୀ ଥିଲା। ୫ ଜଣ ମହିଳା ଶ୍ରମିକ ପରସ୍ପରର ହାତ ଧରାଧରି ହୋଇ ନଦୀ ପାରବେଳେ ସୁବାସିନୀଙ୍କ ହାତ



- ମା' ମୃତ୍ୟୁ ପରେ ଉଚ୍ଚଶିକ୍ଷା ଛାଡ଼ି ମୂଲ ଲାଗୁଛି ଝିଅ
- ଦଶନ୍ଧିରେ ନଦୀରେ ଭାସି ମଲେଣି ୧୯ ରୁ ଅଧିକ

ଖସିଯିବାରୁ ସେ ପାଣିରେ ଭାସିଯାଇ ମୃତ୍ୟୁ ହୋଇଥିଲା। କୌଣସି ପ୍ରଶାସନିକ ଅଧିକାରୀ ମୃତକଙ୍କ ଘରେ ପହଞ୍ଚିନଥିବା ବେଳେ ମଙ୍ଗଳବାର ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଟି ଡ଼ିସିସି-ଓଏଲ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜି ଏବଂ ସମିତିସଭ୍ୟା ସୁମିତ୍ରା ଶବର ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ବ୍ୟକ୍ତିଗତ ଭାବେ ଆର୍ଥିକ ସହାୟତା କରିଥିଲେ। ମୃତକଙ୍କ ଏକମାତ୍ର ଝିଅ ପାରଳାଖେମୁଣ୍ଡିରେ ଉଚ୍ଚ ଶିକ୍ଷା ଲାଭ କରୁଥିବା ବେଳେ ମା' ମୃତ୍ୟୁ ପରଦିନ ଠାରୁ ଘରକୁ ଆସି ଶ୍ରମିକ ଭାବେ ଧାନରୁଆ ପାଇଁ ଆନ୍ଧ୍ର ଯାଇଥିବା ଜଣାପଡ଼ିଥିଲା। ଏହାକୁ ନେଇ ନିର୍ଦ୍ଦେଶକ ଶ୍ରୀ ଗମାଙ୍ଗ ଉଦ୍‌ବେଗ ପ୍ରକାଶ କରିବା ସହ ଝିଅର ପାଠ ପଢ଼ା ପାଇଁ ସରକାରୀ ସହାୟତାର ବ୍ୟବସ୍ଥା କରାଯିବ କିନ୍ତୁ ଝିଅକୁ ମଜୁରୀ ଲାଗିବା ପାଇଁ ନ ଛାଡିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ନଦୀରେ ଏକ ଦଶନ୍ଧି ମଧ୍ୟରେ ୧୯ ଜଣ ଭାସିଯାଇ ପ୍ରାଣ ହରାଇଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୋଲ ନିର୍ମାଣ କରିବାକୁ ଦାବି ହେଉଛି।

# ସାପ କାମୁଡ଼ାରେ ଦୁଇ ମୃତ

ଫିରିଙ୍ଗିଆ, ୩୦।୭ (ସମିସ): କନ୍ଧମାଳ ଜିଲ୍ଲାରେ ମଙ୍ଗଳବାର ରାତିରେ ପୃଥକ ସ୍ଥାନରେ ସାପ କାମୁଡ଼ାରେ ଜଣେ ମହିଳା ଓ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଛାପଡ଼ା ଥାନା ପଲାବୃଡି ପଞ୍ଚାୟତ ଶ୍ରୀଗୁଣି ଗାଁର ଲକ୍ଷ୍ମଣ ବିନ୍ଧାଣିଙ୍କ ସ୍ତ୍ରୀ ଲିମା ବିନ୍ଧାଣି ଓ ଖଜୁରୀପଡ଼ା ଥାନା ନୂଆଗାଁ ପଞ୍ଚାୟତ ଖଲିବେରଣା ଗାଁର ବାବୁଲା ହଂସଙ୍କ ପୁଅ ମାନସ ହଂସ (୩୨)।

ଗୋଛାପଡ଼ା ଥାନା ପଲାବୃଡ଼ି ପଞ୍ଚାୟତ ଶ୍ରୀଗୁଣି ଗାଁର ଲକ୍ଷ୍ମଣ ବିନ୍ଧାଣି ଓ ତାଙ୍କ ସ୍ତ୍ରୀ ଲିମା ଦୁଇ ପୁଅଙ୍କ ସହ ଶୋଇଥିବାବେଳେ ରାତିରେ ସାପ ଲିମାଙ୍କ ମୁଣ୍ଡକୁ ଚୋଟ ମାରିଥିଲା। ତାଙ୍କୁ ପ୍ରଥମେ ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଛାପଡ଼ା ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଖଜୁରୀପଡ଼ା ଥାନା ନୂଆଗାଁ ପଞ୍ଚାୟତ ଖଲିବେରଣା ଗାଁର ମାନସ ଘରେ ଶୋଇଥିବାବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଫୁଲବାଣୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ଖଜୁରୀପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମେଡିକାଲ ଚାକିରି ନାଁରେ ଘୂରିବୁଲୁଛି ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ବିଜ୍ଞାପନ

ଫିରିଙ୍ଗିଆ, ୩୦।୭ (ସମିସ): କନ୍ଧମାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ସରକାରୀ ଲୋଗୋ ଲଗାଇ ଏକ ନିଯୁକ୍ତି ଖବର ନାମରେ ବିଜ୍ଞାପନ ଘୁରି ବୁଲୁଛି। ଯାହାକୁ ନେଇ ଶିକ୍ଷିତ ବେକାରୀ ଯୁବକ

- ଫୋନ୍ କଲେ ଅର୍ଥ ଦାବି କରୁଛି ନକଲି ସଂସ୍ଥା
- ଭୁବନେଶ୍ୱର ଆସ, ନଚେତ ହ୍ୱାଟ୍ସଆପ୍‌ରେ ନଥିପତ୍ର ଦେବାକୁ କହୁଛି

ଯୁବତୀ ମିଥ୍ୟା ପ୍ରଲୋଭନରେ ପଡ଼ି ଆଉଟ୍‌ସୋର୍ସିଂ ଚାକିରି ନାଁରେ ଠକାମୀର ଶିକାର ହେଉଛନ୍ତି। ଏମିତି କି ବିଭିନ୍ନ ଜେରକ୍ସ ଦୋକାନରେ ଚାକିରି ଆଶାୟୀ ନିଜର କାଗଜପତ୍ରର ଜେରକ୍ସ କରି ହ୍ୱାଟ୍ସଆପ୍‌ରେ ପଠାଉଥିବା ଦେଖିବାକୁ ମିଳିଛି। ଏହି ବିଜ୍ଞାପନରେ ନିଯୁକ୍ତି ଖବର ଲେଖାଥିବା ବେଳେ କନ୍ଧମାଳ ଜିଲ୍ଲା ପାଇଁ ନିଯୁକ୍ତି ସୁଯୋଗ ଲେଖାଯିବା ସହ ଶେଷ




ତାରିଖ-୨ଅଗଷ୍ଟ ୨୦୨୫ ଲେଖାଯାଇଛି। ସିକ୍ୟୁରିଟି ଗାର୍ଡ ୨୬, ସୁପରଭାଇଜର ପାଇଁ ୫୬, ହାଉସ କିପିଙ୍ଗ ୩୨, ଏଚ୍‌କେ ସୁପରଭାଇଜର ୧୨, ଡାଟାଏଣ୍ଟ୍ରି ୨୮, ହୋମ ନର୍ସ ୩୬, ଆଟେଣ୍ଡାଣ୍ଟ ୪୩ ସର୍ବମୋଟ ୨୩୩ ପୋଷ୍ଟ ଥିବା ଦର୍ଶାଯାଇଥିବା ବେଳେ ସମସ୍ତ ପଦ ଫୁଲବାଣୀ ମେଡ଼ିକାଲରେ ଥିବା ଉଲ୍ଲେଖ ରହିଛି। ବିଜ୍ଞାପନରେ କୌଣସି ରେଜିଷ୍ଟ୍ରସନ ନମ୍ବର କିମ୍ବା କୌଣସି ଇମେଲ ଆଇଡି ନଥିବାରୁ ସନ୍ଦେହ ହେବାରୁ ସେଥିରେ ଉଲ୍ଲେଖ ଥିବା ମୋବାଇଲ ନମ୍ବର-୮୦୯୩୩୭୬୪୯୬କୁ ଯୋଗାଯୋଗ କରିବାରୁ ଅଭିରାମ ଆଉଟସୋର୍ସିଂ ସଂସ୍ଥା ତରଫରୁ ଫୁଲବାଣୀ ମେଡ଼ିକାଲରେ ଚାକିରି ଦିଆଯାଉଛି ଓ ୨୨ ପଦ ପୂରଣ ହୋଇଛି ଆଉ ଗୋଟିଏ ସୁପରଭାଇଜର ପଦ ଥିବା ଉତ୍ତର ମିଳିଛି। ପରିଚୟ ପଚାରିବାରୁ ଭୁବନେଶ୍ୱର ଅଫିସକୁ ଆସ ନଚେତ ହ୍ୱାର୍ଟ୍‌ଆପ୍‌ରେ ନିଜର ସମସ୍ତ କାଗଜପତ୍ର ପଠାଅ ବୋଲି କୁହାଯାଇଛି।

ବର୍ତ୍ତମାନ ସରକାରଙ୍କ ତରଫରୁ ଆଉଟସୋର୍ସିଂ ସଂସ୍ଥାକୁ ନିଯୁକ୍ତି ଉପରେ କଟକଣା ଲାଗୁ କରାଯାଇଥିବା ବେଳେ କିଭଳି ଭାବରେ ପୁଣି ଏହି ସଂସ୍ଥା ବିଜ୍ଞାପନ ଦେଇଛି ତାହା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ କିଛି ମେଡିକାଲ ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରେ ସେମାନେ କିଛି ଜାଣି ନଥିବା କହିଛନ୍ତି। ତୁରନ୍ତ ଏହି ବିଜ୍ଞାପନକୁ ନେଇ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଠକେଇ ଅଭିଯୋଗରେ ଯୁବକ ଅଟକ

- ଚାକିରି କରାଇଦେବାକୁ କହି ଠକିଛି କୋଟି କୋଟି ଟଙ୍କା
- ଆନ୍ଧ୍ରରୁ ଉଠାଇଆଣି ପାରଳାଖେମୁଣ୍ଡି ପୁଲିସକୁ ଦେଲେ ଯୁବକ

ପାରଳାଖେମୁଣ୍ଡି, ୩୦।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଆର୍ଦ୍ଦଶ ଥାନାରେ ଠକେଇ ଅଭିଯୋଗ ପରେ ଜଣେ ଯୁବକଙ୍କୁ ଅଟକ ରଖିଛି ପୁଲିସ। ଅଟକ ଠକ ଜଣକ ଜିଲ୍ଲା ଓ ରାଜ୍ୟ ବାହାରର ବହୁ ବେକାର ଯୁବକ/ଯୁବତୀଙ୍କୁ ଚାକିରି କରାଇ ଦେବାକୁ କହି ଠକି ନେଇଛି ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା। ସେ ହେଲେ ରାଟିଣୀ ଗ୍ରାମର ଲକ୍ଷ୍ମୀ ନାରାୟଣ ପାତ୍ର। ଏନେଇ ଆଜି ସନ୍ଧ୍ୟାରେ ଠକେଇର ଶିକାର ହୋଇଥିବା ୧୦ରୁ ଉର୍ଦ୍ଧ୍ୱ ଯୁବକ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀନାରାୟଣ ପାତ୍ର ବେକାର ଯୁବକ ଯୁବତୀଙ୍କୁ ଦେଶ ତଥା ଦେଶ ବାହାରେ ଚାକିରି କରାଇଦେବାକୁ ଟଙ୍କା ନେଇଛନ୍ତି। ପ୍ରାୟ ୧ ବର୍ଷ ହେବ ସେ ଡାଳିମ୍ବପୁର ଗ୍ରାମାଞ୍ଚଳରେ ବହୁ ବେକାର ଯୁବକ ଯୁବତୀଙ୍କୁ ଏପରି ଠକେଇ କରିଛନ୍ତି। ଜଣଙ୍କଠାରୁ ୧ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ଏପରିକି ଟଙ୍କା ନେଇ ଚୁକ୍ତିପତ୍ର ପ୍ରଦାନ କରିଥିବାର ନକଲ ପ୍ରଦାନ କରିଛନ୍ତି ପୋଲିସକୁ। ଚାକିରି, ପାସପୋର୍ଟ ଆଦି କରାଇଦେବି ବୋଲି କହି ନଗଦ, ବ୍ୟାଙ୍କ ମାଧ୍ୟମ, ୟୁପିଆଇ ମାଧ୍ୟମରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇ ଥିବା ଜାଣି ପାରି ଯୁବକ ଯୁବତୀମାନେ ଟଙ୍କା ମାଗିବା ଆରମ୍ଭ କରିଥିଲେ। ସେମାନଙ୍କୁ ଏକାଧିକ ନକଲି ଚେକ୍ ପ୍ରଦାନ କରିଥିବାର ଜଣାପଡ଼ିଛି। ତେବେ ବହୁ ଦିନ ହେଲା ଲକ୍ଷ୍ମୀନାରାୟଣଙ୍କୁ ଠକେଇର ଶିକାର ହୋଇଥିବା ଯୁବକଯୁବତୀମାନେ ଖୋଜୁଥିଲେ। ହେଲେ ସେ ଆନ୍ଧ୍ରର ଚାପରା ଗ୍ରାମରେ ଥିବାର କୌଣସି ସୂତ୍ରରୁ ଖବରପାଇ ତାଙ୍କୁ ସେଠାରୁ ଧରିଆଣି ପାରଳାଖେମୁଣ୍ଡି ପୁଲିସ ଜିମା ଦେଇଛନ୍ତି।

# କାଶୀନଗରରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

କାଶୀନଗର, ୩୦।୭ (ସମିସ): କାଶୀନଗର ତହସିଲ ପକ୍ଷରୁ ଅଞ୍ଚଳରେ ପୂର୍ତ୍ତ ବିଭାଗର ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ମାପଚୁପ ଆରମ୍ଭ ହୋଇଛି। ତହସିଲଦାରଙ୍କ ନେତୃତ୍ୱରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, କର୍ମଚାରୀଙ୍କ ଉପସ୍ଥିତିରେ ରାସ୍ତା ମାପଚୁପ ହୋଇଥିଲା। କାଶୀନଗର ଏନ୍‌ଏସି ପରିସରରେ ଥିବା ନୀଳାମ୍ବା ଠାକୁରାଣୀ ମନ୍ଦିର ଠାରୁ ପୂର୍ବୋକ୍ତ ବିଲଡିଂ ଯାଏଁ ରାସ୍ତାର ପ୍ରଶସ୍ତିକରଣ ହୋଇ ପାରିନାହିଁ। ଉକ୍ତ ରାସ୍ତାର କାର୍ଯ୍ୟ ଆରମ୍ଭ ସମୟରେ ସ୍ଥାନୀୟ କିଛି ଲୋକେ ବିରୋଧ କରିବା ସହ ଏ ସମ୍ପର୍କରେ ପୂର୍ବତନ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କୁ ଜନ ଅଭିଯୋଗ ଶୁଣାଣିରେ ଲିଖିତ ଅବଗତ କରିଥିଲେ ସ୍ଥାନୀୟ ଲୋକେ। ଉକ୍ତ ରାସ୍ତା ପାର୍ଶ୍ୱରେ



ମନ୍ଦିରଠାରୁ ବ୍ଲକର ଖାଣ୍ଡବା ପଞ୍ଚାୟତ ମୁଖ୍ୟାଳୟ ପର୍ଯ୍ୟନ୍ତ ପିଡବ୍ଲ୍ୟୁଡି ରାସ୍ତାର ପ୍ରଶସ୍ତିକରଣ ପାଇଁ ଟେଣ୍ଡର ସହ ଆର ଏଣ୍ଡ ଆର ସଂସ୍ଥା ତରଫରୁ ଉକ୍ତ ରାସ୍ତା ନିର୍ମାଣ କାମ ୧୬ ମାର୍ଚ୍ଚ ୨୦୨୪ରେ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ କାଶୀନଗର ଥାନାର ପୁରୁଣା ବିଲ୍ଡିଂ ଠାରୁ ଖାଣ୍ଡବା ପଞ୍ଚାୟତ ପର୍ଯ୍ୟନ୍ତ ଉକ୍ତ ରାସ୍ତା କାର୍ଯ୍ୟ ହୋଇଥିବା ବେଳେ କିଛି ସ୍ଥାନରେ ସେତୁ ନିର୍ମାଣ କାମ ଚାଲିଛି। କିନ୍ତୁ ଏନ୍‌ଏସି ପରିସରରେ ଥିବା ଉଲ୍ଲିଖିତ ଡ୍ରେନେଜ୍ ନିର୍ମାଣ ପରେ ରାସ୍ତା କାମ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ପାରଳାଖେମୁଣ୍ଡି ଆର୍‌ଏଣ୍ଡବି ଡିଭିଜନକୁ ଅବଗତ କରିଥିଲେ। ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡି ଆର୍‌ଏଣ୍ଡବି ଡିଭିଜନ ପକ୍ଷରୁ ବିଭାଗୀୟ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର କାଶୀନଗର ତହସିଲଦାରଙ୍କୁ ୨୩ ଜୁନ୍ ୨୦୨୫ରେ ଚିଠି ଲେଖି ଡିମାର୍କେସନ ପାଇଁ ଅନୁରୋଧ କରିବା ପରେ ମଙ୍ଗଳବାର ରାଜସ୍ୱ ବିଭାଗ କର୍ମଚାରୀ ମାପଚୁପ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉକ୍ତ ରାସ୍ତା ସହରାଞ୍ଚଳ ଦେଇ ଯାଇଥିବା ଯୋଗୁଁ ସ୍ଥାନୀୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବଗତରେ ଏହି ମାପଚୁପ କରାଯାଇଛି। ଡିମାର୍କେସନ ରିପୋର୍ଟ ଆସିବା ପରେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯିବ। ଯଦି ରାସ୍ତା ଜବରଦଖଲ କରି କେହି କିଛି ନିର୍ମାଣ କରିଥାଏ ତାଙ୍କୁ ନୋଟିସ୍ ଜାରି କରିବେ ବୋଲି ତହସିଲଦାର ସୁଧୀର କୁମାର ନନ୍ଦ କହିଛନ୍ତି। ନୋଟିସରେ ୧୫ ଦିନ ସମୟ ଦିଆଯିବ ଓ ଜବରଦଖଲ ଉଚ୍ଛେଦ ନହେଲେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବୋଲି ନିର୍ବାହୀ ଅଧିକାରୀ ଭଗବତ ସାହୁ କହିଛନ୍ତି। ଆସନ୍ତା ୧୫ ଅକ୍ଟୋବର ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ, ଜବରଦଖଲ ହଟାଇବା ଅବସରରେ ପ୍ରିୟାପ୍ରୀତି ତୋଷଣ ଠାରୁ ପ୍ରଶାସନ ଦୂରରେ ରହିବା ସହ ରାସ୍ତାକଡକୁ ଲାଗି ରହିଥିବା ବିଦ୍ୟୁତଖୁଣ୍ଟ ହଟାଇବା ଦିଗରେ ବି ପଦକ୍ଷେପ ନେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ରାସ୍ତା କାମ ଆରମ୍ଭ ହେବା ସମୟ ଠାରୁ ବିଦ୍ୟୁତ୍ ବିଭାଗକୁ ରାସ୍ତା କଡ଼ରେ ତଥା ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟି ଉଠାଇବା ପାଇଁ ବାରମ୍ବାର ଲିଖିତ ଜଣାଯାଇଛି କିନ୍ତୁ ଏଯାଏଁ ପଦକ୍ଷେପ ନିଆଯାଇନାହିଁ ବୋଲି ଅନ୍ୟ ପକ୍ଷରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି।

**ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ**

# ରାଜ୍ୟସ୍ତରରେ ଗଜପତି ଜିଲ୍ଲା ସମ୍ମାନିତ





ପାରଳାଖେମୁଣ୍ଡି/ଗୁମ୍ମା, ୩୦।୭ (ସମିସ)

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ପର୍ଯ୍ୟାଲୋଚନା ପରେ ଉତ୍କୃଷ୍ଟ ଫଳାଫଳ ପାଇଥିବା ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧୁବାଦ ଜଣାଇବା ସହିତ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମ୍ମାନିତ କରିଛନ୍ତି। ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କୁ ଚାରିଟି ସମ୍ପୂର୍ଣ୍ଣତା ସୂଚକାଙ୍କ ପୂରଣ ପାଇଁ କାଂସ୍ୟ ପଦକ ପ୍ରଦାନ କରାଯାଇଥିବା ବେଳେ ଗୁମ୍ମା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି ୫ଟି ସୂଚକାଙ୍କ ପୂରଣ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଆର୍.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ ଖର୍ସେଲଙ୍କୁ ତିନିଟି ସୂଚକାଙ୍କ ପୂରଣ ନିମନ୍ତେ ତାମ୍ର ପଦକରେ ସମ୍ମାନିତ କରାଯାଇଛି। ଏହା ସହିତ ପୂର୍ବତନ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। ନୀତି ଆୟୋଗ ଦ୍ୱାରା ଆରମ୍ଭ ହୋଇଥିବା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପଛୁଆ ଜିଲ୍ଲାମାନଙ୍କ ଗତିଶୀଳ ଓ ସମାନ

**ଗୁମ୍ମା ବ୍ଲକକୁ ରୌପ୍ୟ, ଆର୍. ଉଦୟଗିରିକୁ ତାମ୍ର ପଦକ**

ବିକାଶ ପଥରେ ଆଣିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା। ପ୍ରମାଣ ଆଧାରିତ ଡାଟା, ସ୍ଥାନୀୟ ସ୍ତରରେ ପରିଚାଳନା ଓ ଜିଲ୍ଲା ସ୍ତରରେ ମାସିକ ସମୀକ୍ଷା ଏହି କାର୍ଯ୍ୟକ୍ରମର ବୈଶିଷ୍ଟ। ଗଜପତି ଜିଲ୍ଲା ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢ଼ିଥିବା ପରିଲକ୍ଷିତ ହୋଇଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ତଥା ସମସ୍ତ ବିଭାଗୀୟ ଯୋଜନାରେ ସମନ୍ୱୟ ସହ ଜନ ସାଧାରଣଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନା ଭିତ୍ତିକ ଲାଭ ଯୋଗାଇବା ପାଇଁ ଚେଷ୍ଟିତ ଥିବା ପରିଲକ୍ଷିତ ହୋଇଛି। ଏହି ସମ୍ମାନ ଗଜପତି ବାସୀ, ମୋ ଟିମ୍‌ର ସମସ୍ତ କର୍ମଚାରୀ, ଆଗଧାଡ଼ି କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଓ ପ୍ରତ୍ୟେକ ସ୍ଥାନୀୟ ଜନପ୍ରତିନିଧି ସଦସ୍ୟଙ୍କ ଅଦ୍ୱିତୀୟ ପ୍ରୟାସର ପରିଣାମ। ଗଜପତି ଜିଲ୍ଲା ବର୍ତ୍ତମାନ ତୀବ୍ର ଗତିରେ ବିକାଶ ଆଡକୁ ଗତି କରୁଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ କାର୍ଯ୍ୟଦକ୍ଷତାର ସହ ଆଗକୁ ବଢ଼ିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ସମ୍ମାନ ପାଇବା ପରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା କହିଛନ୍ତି। ଉକ୍ତ ସମାହାରରେ ଗୁମ୍ମା ବିଡ଼ିଓ ଦୁଲାରାମ ମାରାଣ୍ଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ରୌପ୍ୟ ପଦକ ଗ୍ରହଣ କରିଛନ୍ତି।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ପାତ୍ରପୁର,୩୦।୭ (ସମିସ): ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର କାର୍ଯ୍ୟାଦେଶ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ଼ ସସ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଶିବିରକୁ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ଲକ୍ଷ୍ମଣଚରଣ ସୋରେନ, ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଡ଼ ସ୍ୱସ୍ତି ସଂଘମିତ୍ରା ଦେହୁରୀ, ଡ଼ ଅର୍ପିତ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହିତ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ଓ ତାର ଲାଭ କିଭଳି ଭାବେ ହିତାଧିକାରୀ ପାଇ ପାରିବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ସାମନ୍ତରା ପରାମର୍ଶ ଦେଇଥିବା ବେଳେ ୨୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକରେ ଥିବା ସମସ୍ତ ପ୍ରାଣୀଧନ ନୀରିକ୍ଷକଙ୍କ ସହିତ ପ୍ରାଣୀ ଚିକିତ୍ସକ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଏନ୍ଏସି କାଉନ୍ସିଲ ବୈଠକ

ଖଲ୍ଲିକୋଟ,୩୦।୭ (ସମିସ): ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନ୍ସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ



ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ କାଉନସିଲର ଯୋଗ ଦେଇଥିବା ବେଳେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗା, ଉପାଧ୍ୟକ୍ଷ ଲିଲି ସାହୁ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଏନଏସି ରେ ଥିବା ବିଭିନ୍ନ ରାସ୍ତା ଘାଟର ଉନ୍ନତି କରଣ, ପୋଖରୀର ପୁନଃରୁଦ୍ଧାର, ଆଲୋକୀକରଣ, ବସଷ୍ଟାଣ୍ଡରେ ଥିବା କିମ୍ବଦନ୍ତୀ ମାଗୁଣୀର ଶଗଡ଼ ଓ ମୋ ଖଲ୍ଲିକୋଟ ପ୍ରତିକୃତିର ରଙ୍ଗ ଛାଡି ଯାଇଥିବାରୁ ତାହାର ନବୀକରଣ ବିଷୟରେ ଆଲୋଚନା ହୋଇଥିଲା। ବିଶେଷ କରି ଏନ୍ଏସିରେ ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଖଲ୍ଲିକୋଟ ବନ୍ଷ୍ଟାଣ୍ଡର ଉନ୍ନତିକରଣ ପାଇଁ ଜବରଦଖଲ କରିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ବୈଠକରେ ଆଲୋଚନା ହୋଇଛି। ହାଇସ୍କୁଲ ସମ୍ମୁଖରେ ଥିବା ଫୁଡ୍ କୋର୍ଟ ଏବଂ ୭ ନମ୍ବର ୱାର୍ଡରେ ଥିବା ଭେଣ୍ଡିଂ ଜୋନ ଆସନ୍ତା ୧୫ ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ କରାଯିବ ବୋଲି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା କହିଛନ୍ତି। ଏହାପରେ କନକମଞ୍ଜରୀ କଲ୍ୟାଣ ମଣ୍ଡପଠାରେ ସଫେଇ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବଡ଼ଖାନା କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଏନ୍ଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବଢୁଛି ବନ୍ଧୁକ ମୁନରେ ଲୁଟ୍ ମାମଲା; ପୁଲିସ ହାତ ଖାଲି

**କେଉଁଠୁ ଆସୁଛି ବନ୍ଧୁକ ତାକୁ ନେଇ ପ୍ରଶ୍ନ** | **ଗୋଟିଏ ବି ମାମଲାରେ ପୁଲିସକୁ ମିଳିନି ସଫଳତା**

ବ୍ରହ୍ମପୁର,୩୦।୭ (ସମିସ)

ଆମ୍ବପୁଆ ନିବାସୀ ସରସ୍ୱତୀ ସାହୁ ପ୍ରତିଦିନ ଭଳି ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଛକ ନିକଟରେ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସି ତାଙ୍କ ବେକରୁ ୧୭ ଗ୍ରାମ୍‌ର ସୁନାଚେନ୍ ଝାମ୍ପି ନେଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ସରସ୍ୱତୀଙ୍କ ପୁଅ ଶ୍ରୀକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆଖପାଖରେ ଲାଗିଥିବା ସିସିଟିଭିରେ ଲୁଟ୍ ଦୃଶ୍ୟ କଏଦ ହୋଇଛି। ଏହାକୁ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି ପୁଲିସ। ଖୁବଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ



କରିଛନ୍ତି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ।

ଗତ ଏପ୍ରିଲରେ ଆମ୍ବପୁଆ ସ୍ଥିତ ଆୟକର କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଭି.ପଦ୍ମାବତୀ ନାମକ ଜଣେ ମହିଳା ପ୍ରାତଃଭ୍ରମଣରେ ଯାଉଥିବା ବେଳେ ଗୋଟିଏ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ତାଙ୍କ ଠାରୁ ସୁନାଚେନ ଲୁଟି ନେଇଥିଲେ। ଗୋପାଳପୁର ଥାନା ପୁଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରିଥିଲେ ହେଁ ଏଯାବତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହାଁନ୍ତି। ସେହିପରି ଗତ ୨୨ତାରିଖରେ ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ୮ମ ଲାଇନରେ ଶୁଭଶ୍ରୀ ଜେନାଙ୍କ ଉପରକୁ ଗୁଳିଚାଳନା କରି ସେ ପିନ୍ଧିଥିବା ୨ଭରି ଓଜନର ସୁନାଚେନ ଲୁଟିନେଇଥିଲେ ଦୁର୍ବୃତ୍ତ। ପୁଲିସ ୩ଟି ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ସଫଳତା ମିଳିନାହିଁ।

ସେହିପରି ଗତ ଜୁନ୍ ୬ ପୂର୍ବାହ୍ନରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗି ନିକଟ ଶିବ ପଦ୍ମା ଡୁପ୍ଲେକ୍ସ ନିବାସୀ ଅମୂଲ୍ୟ ସାହୁ ନିକଟସ୍ଥ ଶିବ ମନ୍ଦିରକୁ ଯିବାବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ସେ ପିନ୍ଧିଥିବା ସୁନା ମଙ୍ଗଳସୂତ୍ର ଓ ଏକ ଚେନ୍ ନେଇ ଯାଇଥିଲେ। ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଉପରୋକ୍ତ ସମସ୍ତ ଘଟଣାରେ ଦୁଇଜଣ ଲୁଟେରା ହିଁ ସମାନ ଭାବରେ ଲୁଟ୍ କରୁଛନ୍ତି। ତେବେ ଏହି ଲୁଟେରାମାନଙ୍କର ସମସ୍ତ ଘଟଣାରେ ସମ୍ପୃକ୍ତି ଅଛି ଅଥବା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ପକ୍ଷରୁ ନିକଟରେ ୧୫ରୁ ଅଧିକ ପୁରୁଣା ଅପରାଧୀଙ୍କ ଠାରୁ ବନ୍ଧୁକ ଜବତ କରାଯାଇଥିବା ବେଳେ ନୂଆ ଅପରାଧୀଙ୍କ ନିକଟରେ ବନ୍ଧୁକ ରହିଥିବା ଦେଖିବାକୁ ମିଳିଛି।

ତେବେ ଏଭଳି ବନ୍ଧୁକ ମୁନରେ ଗୋଟିଏ ପରେ ଗୋଟିଏ ଲୁଟ୍ କରି ସେମାନେ ନିର୍ଭୟରେ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଥିବାବେଳେ ପୁଲିସ ଧରିପାରୁନି। ତେବେ ଏତେ ପରିମାଣରେ ବନ୍ଧୁକ ଆସୁଛି କେଉଁଠୁ ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ।

## ଅନ୍‌ଲାଇନ୍ ଉପସ୍ଥାନ ବ୍ୟବସ୍ଥା ଲାଗୁ ନ କରିବାକୁ ଦାବି

**ଆସିକା,୩୦।୭ (ସମିସ):** ସରକାର କୌଣସି ଭିତ୍ତିଭୂମି ନ ସଜାଡି ପ୍ରାଥମିକ ଶିକ୍ଷକଙ୍କ ଉପରେ ଜୋର୍ ଜବରଦସ୍ତ ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ (ୟୁଏଏସ୍) ଲାଗୁ କରିବା ନିଷ୍ପତ୍ତିକୁ ଆସିକା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଦୃଢ଼ ପ୍ରତିବାଦ କରାଯାଇଛି। ସଂଘର ସଭାପତି ସନ୍ତୋଷ କୁମାର ସେଠୀ ଓ ସମ୍ପାଦକ ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରକୁ ଆସିକା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂ ନନ୍ଦନ ପଣ୍ଡା ଓ ଭଞ୍ଜ ବେହେରା ଗ୍ରହଣ କରିଥିଲେ। ସଙ୍ଘର ଅଭିଯୋଗ ଅନୁସାରେ ଏବେ ସୁଦ୍ଧା ସବୁ ବିଦ୍ୟାଳୟ ଗୁଡିକରେ ନେଟୱାର୍କ ସୁବିଧା ନାହିଁ । ପୁଣି ସମସ୍ତ ଶିକ୍ଷକଙ୍କୁ ବିଭାଗ ତରଫରୁ ମୋବାଇଲ୍, ସିମ୍‌କାର୍ଡ ଓ ଇଣ୍ଟରନେଟ୍ ସୁବିଧା ଦିଆଯାଇନାହିଁ। ପୂର୍ବ ସରକାରଙ୍କ ସମୟରେ ଯେଉଁ କେତେ ଜଣଙ୍କୁ ଟାବ୍‌ଲେଟ ମିଳିଛି, ସେଗୁଡିକ ସବୁ ପୁରୁଣା ଭର୍ସନ ଥିବାରୁ ଠିକ୍ ଭାବେ କାମ କରୁନାହିଁ। ଶ୍ରେଣୀ ଅନୁସାରେ ଶିକ୍ଷକ ନଥିବାରୁ ଜାତୀୟ ଶିକ୍ଷାନୀତି ୨୦୨୦କୁ ଲାଗୁ କରି ପ୍ରତି ବିଦ୍ୟାଳୟରେ ଶିଶୁ ବାଟିକା ଖୋଲା ଯାଇଛି। କିନ୍ତୁ ବିଦ୍ୟାଳୟ ଗୁଡ଼ିକରେ ଶ୍ରେଣୀ ଗୃହ, ଶିକ୍ଷକ, କ୍ଲର୍କ, ପିଅନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଧ୍ୟାନ ନ ଦେଇ ଅଯଥା ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟକୁ ଭାରାକ୍ରାନ୍ତ କରୁଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ଥିବା ବହୁଦିନର ଦାବି ଗୁଡ଼ିକୁ ସରକାର କର୍ଣ୍ଣପାତ କରୁନଥିବା ବେଳେ ଶିକ୍ଷକମାନେ ପୁଣି ଥରେ ରାଜରାସ୍ତାକୁ ଆସିବାକୁ ସଜବାଜ ହେଲେଣି।

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ; ୩ ଆହତ

**ଖଲ୍ଲିକୋଟ,୩୦।୭ (ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାଳଧୁଆପଲ୍ଲୀ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପକ୍ଷର ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଗ୍ରାମର ସଦାଶିବ ଗୌଡ଼ ଓ ଅଭିମନ୍ୟୁ ଗୌଡ଼ଙ୍କ ପରିବାର ମଧ୍ୟରେ ଜମି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଛି। ତେବେ ବୁଧବାର ଅଭିମନ୍ୟୁଙ୍କ ବିଲର ହିଡ଼କୁ ସଦାଶିବ ହାଣିବାରୁ ଦୁଇ ପରିବାର ମଧ୍ୟରେ କଥା କଟାକଟିଓ ପରେ ଠେଙ୍ଗା ଓ ଇଟାରେ ଆକ୍ରମଣ ହୋଇଥିଲା।



ଏଥିରେ ସଦାଶିବ ଓ ତାଙ୍କ ପୁଅ ବଳରାମ ଆହତ ହୋଇଥିବା ବେଳେ ଅପର ପକ୍ଷର ଅଭିମନ୍ୟୁ ମଧ୍ୟ ଆହତ ହୋଇଥିଲେ। ୩ ଆହତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅଭିମନ୍ୟୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେପଟେ ସଦାଶିବ ଓ ବଳରାମ ଖଲ୍ଲିକୋଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ପହଞ୍ଚି ଆହତଙ୍କୁ ପଚରାଉଚରା କରୁଛି।

## ମହିଳା ଓ ଶିଶୁ ବିକାଶ ସଚିବଙ୍କ ଭଞ୍ଜନଗର ଗସ୍ତ

**ଭଞ୍ଜନଗର,୩୦।୭ (ସମିସ):** ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମା ମଙ୍ଗଳବାର ଭଞ୍ଜନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସଚିବ ପ୍ରଥମେ ଭଞ୍ଜନଗର ବ୍ଲକ ମୁଦୁଲିପଲ୍ଲୀ ପଂଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ସେ ବାଲ୍ୟ ବିବାହ କିଭଳି ରୋକାଯିବ ସେନେଇ ପଦକ୍ଷେପ ନେବାକୁ କହିଥିଲେ। ଏହାପରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିଦର୍ଶନରେ ଆସି 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ପ୍ରୋବେସନର ଆଇଏଏସ୍ ଅଧିକାରୀ ମ୍ରିନାଲିକା ରାଠୋର, ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏସିଏଫ ବିବେକ କୁମାର ଦାସ, ଡ. ରଶ୍ମିରଞ୍ଜନ ସ୍ୱାଇଁ, ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ବନପାଳ ବବୁଲ ସେଠୀ, ବନରକ୍ଷୀ ସଙ୍ଗୀତା ପଟ୍ଟନାୟକ, ବିଡ଼ିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର, ଡେପୁଟି କଲେକ୍ଟର ସୁମନ ଘୋଷ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନିର୍ବାହୀ ଅଧିକାରୀ ମୁରଲୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ସିଡିପିଓ ମିଲୀମା କୁମାରୀ ପଣ୍ଡା, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ହର ପ୍ରସାଦ ଶତପଥୀ, ଏନଏସ୍‌ଏସ୍ ଯୋଜନା ଅଧିକାରୀ ବି. ପ୍ରଧାନ, ଶିକ୍ଷକ ତଥା ପରିବେଶବିତ୍ ଦ୍ୱିତୀକୃଷ୍ଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୋହନା,୩୦।୭ (ସମିସ): ମୋହନା ବ୍ଲକ ବିରିକୋଟ କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥୁଡିଖାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର ନାଥ ଉଠାଣ ସିଂଙ୍କୁ ଅବସରକାଳୀନବିଦାୟସମ୍ବର୍ଦ୍ଧନାଦିଆଯାଇଥିଲା। ପ୍ରଧାନ ଶିକ୍ଷକ କମଳ ଲୋଚନ ରାଇକାଙ୍କ ସଭାପତିତ୍ୱରେ ମୋହନା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର କହଁର ମୁଖ୍ୟଅତିଥି, ସିଆରସିସି ଏଲିଶାୟ ଦଳବେହେରା, ପୂର୍ବତନ ସିଆରସିସି ଶୁକଦେବ ଗମାଙ୍ଗ, ଜର୍ଜ ମୁଲ୍ଲାର ଗମାଙ୍ଗ, ଶିକ୍ଷକ ଇଡ଼ିମା ରାଇକା, ଦାଉଦ ମଲ୍ଲିକ, ଅଚ୍ୟୁତ କାର୍ଜୀ, ତୁଳସୀ ଦେଓ ଓ କରୁଣା ରାଇକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ମଂଚାସୀନ ଅତିଥି ଶ୍ରୀ ଉଠାଣସିଂଙ୍କ



ଗୁଣଗାନ କରିଥିଲେ। ଶିକ୍ଷକ ଗୌରହରୀ ପୋଲାଇ ସଭା ପରିଚାଳନା କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣା ରାଇକା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ନେଇ ଘରେ ଛାଡିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଛତ୍ରପୁର,୩୦।୭ (ସମିସ)

ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଛତ୍ରପୁର ସ୍ଥିତ ପୁଲିସ୍ ପରେଡ୍ ପଡ଼ିଆରେ ପାଳନ କରାଯିବ। ଏହାକୁ ସରସ ସୁନ୍ଦର କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ପୂର୍ବବର୍ଷ ମାନଙ୍କରେ ଯେଉଁଭଳି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତ ଫେରି ରାମଧୂନ୍ ଗାନ ପୂର୍ବକ ଛତ୍ରପୁର ସହର ପରିକ୍ରମା କରାଯାଉଥିଲା ଓ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଗଷ୍ଟ ୫ତାରିଖ ଦିନ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା, ଅଗଷ୍ଟ ୬ ତାରିଖ ଦିନ ଓଡ଼ିଆ ବକ୍ତୃତା ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ଅଗଷ୍ଟ ୭ ତାରିଖ ଦିନ ଦେଶାତ୍ମବୋଧକ ଓଡ଼ିଆ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ସମସ୍ତ କାର୍ଯ୍ୟକ୍ରମ ଯେପରି ସୂଚାରୁରୂପେ ସମ୍ପାଦିତ ହୋଇପାରିବ ସେଥିପ୍ରତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଛତ୍ରପୁରର ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ମୁଖ୍ୟ, ବରିଷ୍ଠ ନାଗରିକଗଣ, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଯୋଗଦେଇଥିଲେ।

## କୋଣାର୍କ ଏକ୍ସପ୍ରେସରୁ ଖସି ଯୁବକ ମୃତ

**ରମ୍ଭା/ହୁମ୍ମା,୩୦।୭ (ସମିସ):** ରମ୍ଭା ବ୍ରଜମୋହନପୁର ନିକଟରେ କୋଣାର୍କ ଏକ୍ସପ୍ରେସରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟା ୫.୩୦ରେ ରମ୍ଭା-ହୁମ୍ମା ଷ୍ଟେସନ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତ ବ୍ୟକ୍ତିଙ୍କ ଶରୀର ରେଳ ଟ୍ରାକ ବାହାରେ ପଡ଼ିରହିଛି। ମୃତକ ବ୍ୟକ୍ତିଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ। ତେବେ ତାଙ୍କ ପରିଚୟ ମିଳି ପାରିନାହିଁ।

**ବଢୁଛି ଚୋରି, ଡକାୟତି ଓ ଅପରାଧିକ କାର୍ଯ୍ୟକଳାପ**

# ଅଚଳ ସିସିଟିଭି ଭରସାରେ ପୋଲସରାବାସୀ



- ୨୦୨୨ରେ ସହର ସାରା ଲାଗିଥିଲା
- ରକ୍ଷଣାବେକ୍ଷଣ ଅଭାବରୁ ଏବେ ଗୋଟିଏ ବି କାମ କରୁନି

ପୋଲସରା,୩୦।୭ (ସମିସ)

ପୋଲସରା ସହରରେ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିôବାକୁ ଦୀର୍ଘ ୫ ବର୍ଷ ତଳେ ପୋଲସରା ଥାନା ପକ୍ଷରୁ ପ୍ରମୁଖ ଛକମାନଙ୍କରେ ସିସିଟିଭି ଲଗାଯାଇଥିଲା। ହେଲେ ସମୟକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଗତ ଦୁଇ ବର୍ଷ ହେଲା ସମସ୍ତ ସିସିଟିଭି ଗୁଡ଼ିକ ଅଚଳ ହୋଇପଡିଛି। ଫଳରେ ପୋଲସରା ସହରରେ ଦିନଦ୍ୱିପହରେ ଅପରାଧିକ କାର୍ଯ୍ୟକଳାପ ଓ ବିଶୃଙ୍ଖଳା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ହତ୍ୟାକାଣ୍ଡ ଭଳି ଘଟଣା ଦେଖିବାକୁ ମିଳୁଛି। ପୋଲସରା ସହରର ପ୍ରବେଶ ପଥ କଙ୍କୋରୋଡ଼ା ଛକ ଦେଇ ବୁଗୁଡା, ଭୁବନେଶ୍ୱର ଓ ବ୍ରହ୍ମପୁରରୁ ବହୁ ଅପରାଧୀକଙ୍କ ଯିବା ଆସିବା ରହୁଛି। ମଦ ଗଞ୍ଜେଇ ଭଳି ବହୁ ନିଶାଦ୍ରବ୍ୟର ଚୋରା ଚାଲାଣ ମଧ୍ୟ ହେଉଛି। ଏପରିକି ରାତି ଅଧିଆ ପୋଲସରା ସହର ଦେଇ ଗୋ-ଚାଲାଣ ଅବାଧରେ ହେଉଥିଲେ ମଧ୍ୟ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ପୋଲସରା ଥାନାର ତତ୍କାଳୀନ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନିଜସ୍ୱ ଇଚ୍ଛାଶକ୍ତି ଦ୍ୱାରା ୨୦୨୨ ମସିହା ଡିସେମ୍ବର ମାସରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ମିଳିତ ଉଦ୍ୟମରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ସମ୍ପୂର୍ଣ୍ଣ ପୋଲସରା ସହରରେ ସିସିଟିଭି ଲଗା ଯାଇଥିଲା। ହେଲେ ପରିତାପର ବିଷୟ ଯେ ପୋଲସରା ସହର ପ୍ରମୁଖ ଛକ ଏବଂ ସାହିରେ ସିସିଟିଭି ଲଗାଇ ଅପରାଧ ନିୟନ୍ତ୍ରଣରେ ସହଯୋଗ କରିଥିବା ପ୍ରୋପାଇଟର ସାଗର କୁମାର ସାହୁଙ୍କ ଏପର୍ଯ୍ୟନ୍ତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ରହିଛି। ଅନ୍ୟପଟେ ପୋଲସରା ସହରରେ ଅପରାଧିକ ଗତିବିଧିକୁ ନିୟନ୍ତ୍ରଣ କରିବାକୁ ନେଇ ଯେଉଁ ସବୁ ସିସିଟିଭି ଗୁଡ଼ିକ ଲାଗିଥିଲା ତାହା ପ୍ରାକୃତିକ ବିପର୍ଯ୍ୟୟ ଓ ଆଉ କିଛି ପ୍ରଶାସନର ରକ୍ଷଣାବେକ୍ଷଣ ଅଭାବରୁ ସବୁ ଅଚଳ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଯାହାର ଫାଇଦା ନେଉଛନ୍ତି ଅସାମାଜିକ ଯୁବକ।

ଗତ ୪ଦିନ ତଳେ ପୋଲସରା କଳମ୍ବ ସାହି ଛକ ଉପରେ ମୁଖା ପିନ୍ଧି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ ଦୁର୍ବୃତ୍ତ। ଏଭଳି ଅସମାଜିକ ଘଟଣା ଏବଂ ଅପରାଧିକ କାର୍ଯ୍ୟକଳାପ ସହ ଦାମୀ ବାଇକ୍ ଗାଡ଼ି ଚୋରି ଲୁଟ୍‌କୁ ନେଇ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ସେପଟେ ପୋଲସରା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା ଏହି ଘଟଣାକୁ ଗୁରତ୍ୱ ସହ ନେଇ ଗୋଟିଏ ମାସରେ ଟେଣ୍ଡର କରି ପ୍ରମୁଖ ଛ ମାନଙ୍କରେ ସିସିଟିଭି ଲଗାଇବାକୁ କହିଛନ୍ତି।

**● ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ**

## ଉଡ଼ିଲା ଘରଟିଣ; ଗୋଟିଏ ପରିବାରର ୪ ଗୁରୁତର

ବ୍ରହ୍ମପୁର,୩୦।୭ (ସମିସ): ହିଞ୍ଜିଳିକାଟୁ କେନାଲ ସାହି ସ୍ଥିତ ସୁନାରି ଡ଼ିମ୍ବିରା ସାହିରେ ଅର୍ଥାତ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇ ଘରର ଟିଣ ଉଡ଼ିବା ସହ ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବିପ୍ଳବ ମହାରଣା ଓରଫ ବିପ୍ର (୬୦), ସଂଯୁକ୍ତା ମହାରଣା (୪୫), ପ୍ରାଚୀ ମହାରଣା (୧୬) ଓ ପ୍ରିୟା ମହାରଣା (୧୪)। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ, ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ସ୍ଥାନାନ୍ତର କରିଥିଲେ। ସେଠାରୁ ବାପା, ମା ଓ ସାନ ଝିଅଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସୁନାରୀ ଦିମ୍ବିରା ସାହିରେ ସନ୍ଧ୍ୟା ୭ଘଣ୍ଟା ସମୟରେ ହଠାତ୍



ଜୋର୍‌ରେ ଶବ୍ଦ ହୋଇଥିଲା। ଲୋକେ ବାହାରକୁ ଦୌ÷ଡିଆସି ଦେଖିବାବେଳକୁ ବିପ୍ରଙ୍କ ଘର ଟିଣଛାତ ଉଡ଼ିବା ସହ ନିଆଁ ଜଳୁଥିଲା। ଘର ଭିତରେ ୪ଜଣ ଅଧାପୋଡ଼ା ଅବସ୍ଥାରେ ପଡ଼ିଥିଲେ।

